ଓଡ଼ିଶାରେ ଅନେକଦିନ ଧରି ଧାନଚାଷ ଏକ ପ୍ରମୁଖ ଅଭ୍ୟାସ ହୋଇରହିଆସିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ। ଆଜିର ସମୟରେ କେବଳ ଏମ୍‌ଏସ୍‌ପି ଆଶାରେ ଆମେ ଧାନ ଚାଷକରି ପରୋକ୍ଷରେ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସକରୁଛନ୍ତି। ଅଣଧାନ ଫସଲରେ ବିବିଧତା ଚାଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନକରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସକରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହ ଡାଲି ଏବଂ ବାଜରା ପରି ଅଣଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ ଏବଂ ଜଳ ଅଭାବ ସମୟରେ ସେମାନଙ୍କର ଚାଷ ଏକ ସ୍ୱତନ୍ତ୍ର ବିକଳ୍ପ ଭାବେ କାର୍ଯ୍ୟକରିପାରେ। ଏହି ବିବିଧତା ରଣନୀତି ଜଳବାୟୁ ପରିବର୍ତ୍ତନର ଯୁଦ୍ଧକୁ ସାମ୍ନାକରି କୃଷିକ୍ଷେତ୍ରର ସ୍ଥିରତା ବୃଦ୍ଧିକରେ। ଏହି ଅଣଧାନ ଫସଲ ଚାଷକରି ପତିତ ଜମିଗୁଡ଼ିକୁ ଏବେ ପ୍ରଭାବଶାଳୀଭାବରେ ବ୍ୟବହାର କରାଯାଇପାରିବ। ଫଳରେ ବର୍ଷ ସାରା ଉତ୍ପାଦକତା ବୃଦ୍ଧି ଏବଂ ଅଧିକ ଅମଳ ହୋଇପାରିବ।

ତେବେ ଅଣଧାନ ଚାଷର ପ୍ରାଥମିତକତା ବୃଦ୍ଧି ପାଇଁ ପ୍ରଥମରେ ଗାଁଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନକରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହେବ। ଦ୍ୱିତୀୟରେ କେବଳ ଧାନ ଆମ ଆୟବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମାଞ୍ଚଳ କୃଷି ଅଧିକାରୀମାନେ ଅଗ୍ରାଧିକାର ଭିତ୍ତିରେ ନିଅନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା ଏହି ଅଣଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁ ଜିଲାରେ ସହଜ ଓ ସୁବିଧାରେ ପହଞ୍ଚାଇପାରିବେ ସେ ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷିକ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର, ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ଠିକ୍ ବିପଣନ ତଥା ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ୍ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ସମ୍ପ୍ରସାରଣ କହେ ଦେଖିବା ହିଁ ବିଶ୍ୱାସକରିବା। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟମରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିବେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ଗ୍ରାମାଞ୍ଚଳରେ ଏବେ ବି ପାନୀୟ ଜଳର ଅଭାବ ରହିଛି। ସ୍କୁଲରେ ପିଲାମାନେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ପାଇପାରୁ ନାହାନ୍ତି। ଏହି ସମସ୍ୟା ଦୂର କରିବାକୁ ମହାରାଷ୍ଟ୍ରର ଡ. ଅନିଲ ରାଜବଂଶୀଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ସେ ପାନୀୟ ଜଳ ସମସ୍ୟା ଦୂର କରିବାରେ ଲାଗିଛନ୍ତି। ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭାବେ କାମ କରୁଥିବା ରାଜବଂଶୀ ଏହି ପଦ୍ଧତିରେ ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଉଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍‌ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଇ ପିଇବାକୁ ଦିଆଯାଉଛି। ଦେଶର ଦୁର୍ଗମ ଅଞ୍ଚଳରେ ସ୍କୁଲଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଫଳରେ ବିଭିନ୍ନ ଜଳବାହିତ ସଂକ୍ରାମକ ରୋଗଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହନ୍ତି ରାଜବଂଶୀ।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୭୬

- ପିଏଚ୍‌ଡି ପାଇବା ଲାଗି ଏମ୍‌ଫିଲ୍ ଆବଶ୍ୟକ ନେଇ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ତରଫରୁ ଏକ ଇସ୍ତାହାରରେ ପ୍ରକାଶ କରାଯାଇଛି।
- ଆସାମରେ ପ୍ରବଳ ବନ୍ୟା ହେବା ଫଳରେ ୧୮ ଜଣ ପ୍ରାଣ ହରାଇବା ସହ ୫୦,୦୦୦ ଘର ଭାଙ୍ଗିଯାଇଛି।

## ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ -ପାରାଦୀପ ରାସ୍ତାରେ ଫାଟ

ମହାଶୟ,

କଟକ-ପାରାଦୀପ କଂକ୍ରିଟ ରାସ୍ତା ପରିବହନରେ ମୁଖ୍ୟ ଭୂମିକା ନେଉଛି। କିନ୍ତୁ ଏବେ ବିଭିନ୍ନ ସ୍ଥାନରେ ଏହି ରାସ୍ତାରେ ଫାଟ ଦେଖାଦେଇଛି। କିଛିଦିନ ତଳେ ପାରାଦୀପଠାରୁ କମରପଦା ମଧ୍ୟରେ ପିଚୁ ଦିଆଯାଇ ମରାମତି ହୋଇଥିଲା। କିନ୍ତୁ ସେଥିରେ ପୁନର୍ବାର ଫାଟ ଦେଖାଗଲାଣି। ସେହିପରି ଗଡିରାଉତପାଟଣାରେ ମଧ୍ୟ ଫାଟ ଦୃଷ୍ଟିଗୋଚର ହୋଇଛି। ଏହାଯୋଗୁ ଦୁଇଚକିଆ ଯାନ ଚଳାଚଳରେ ସମସ୍ୟା ହେଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରାଯିବା ଦରକାର।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 2 | | | 7 |
| | 8 | 1 | | 3 | | 9 | 4 | |
| | | | | 4 | | | | 5 |
| | | | | 9 | | | | |
| 5 | | | 7 | | | | | |
| | 7 | | | | | 1 | 3 | |
| 7 | | 3 | 4 | 1 | | | | 2 |
| | | 4 | | | | 8 | | 1 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 4 | 6 | 3 | 1 | 9 | 8 |
| 9 | 6 | 8 | 2 | 1 | 7 | 5 | 4 | 3 |
| 1 | 3 | 4 | 9 | 5 | 8 | 7 | 2 | 6 |
| 8 | 9 | 1 | 6 | 4 | 2 | 3 | 5 | 7 |
| 6 | 7 | 5 | 3 | 9 | 1 | 4 | 8 | 2 |
| 4 | 2 | 3 | 8 | 7 | 5 | 9 | 6 | 1 |
| 7 | 1 | 6 | 5 | 2 | 4 | 8 | 3 | 9 |
| 5 | 8 | 9 | 1 | 3 | 6 | 2 | 7 | 4 |
| 3 | 4 | 2 | 7 | 8 | 9 | 6 | 1 | 5 |

ଗତକାଲିର ଉତ୍ତର

# ‘ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ’



**ଏ ବର୍ଷର ବାର୍ତ୍ତା**

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ଥିମ୍ ରହିଛି ‘ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ’। ଯୋଗ ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତେବେ ଯୋଗ ଆମ ଶରୀର ପାଇଁ କେତେ ଉପକାରୀ ତାହା ଯଦି ଜଣେ ଠିକ୍ ଭାବରେ ହୃଦୟଙ୍ଗମ କରନ୍ତି, ତାହେଲେ ଏହି ଦିବସ ପାଳନ ସଫଳ ହୋଇପାରିବ। ଯୋଗ କରିବା ପୂର୍ବରୁ ଯଦି ଜଣେ ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ନୁହନ୍ତି, ତେବେ ଯୋଗ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ। ଶାନ୍ତ ମନ ଏବଂ ଶାନ୍ତ ପରିବେଶରେ ଯୋଗ କଲେ ତାହାର ସୁଫଳ ଅଧିକ ମିଳିଥାଏ।

## ଇତିହାସରୁ...

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହୋଇପାରୁନାହିଁ। ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ରୋଗଗୁଡ଼ିକ ବଢ଼ି ଚାଲିଛି। ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ହେଲା ‘ଯୋଗ’। ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ନିୟମିତ ଯୋଗକରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି। ବର୍ତ୍ତମାନ ଯୋଗ ଲୋକଙ୍କ ଦ୍ୱାରା କେତେ ଆଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଅନେକେ ଏହାର ମହତ୍ତ୍ୱ ଉପଲବ୍ଧି କରିସାରିଲେଣି। ତେବେ ଏହାକୁ ଆହୁରି ପ୍ରସାର କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଯୋଗ ଦିବସ। ୨୦୧୪ରେ ଏ ନେଇ ମିଳିତ ଜାତିସଂଘରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହି ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘରେ ନିଜର ଅଭିଭାଷଣ ଅବସରରେ ଯୋଗ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧କୁ ଯୋଗ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ସେହି ସମୟରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା।

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**




## ଏମାନଙ୍କ ମତରେ

### ଏବେ ସବୁ ବର୍ଗର ପିଲା ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି



ମାନସିକ ସ୍ୱାସ୍ଥ୍ୟ ଏବଂ ଉତ୍ତମ ଶରୀର ପାଇଁ ସମସ୍ତଙ୍କୁ ଯୋଗ କରିବା ଦରକାର। ଯୋଗ ଦ୍ୱାରା ମଣିଷର ମନକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଦୀର୍ଘ ୧୩ ବର୍ଷ ହେଲା ଯୋଗ ଶିଖେଇବା ଆରମ୍ଭ କରିଛି। ଯୋଗ ମାଧ୍ୟମରେ ଅଟିଜିମ ପିଲାଙ୍କ ମନକୁ ନିୟନ୍ତ୍ରଣ କରାଯାଇପାରୁଛି। ଆଗ ଆପେକ୍ଷା ଏବେ ସବୁ ବର୍ଗର ପିଲାମାନେ ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି।

**- ରଞ୍ଜନ କୁମାର ପାତ୍ର, ଯୋଗ ଶିକ୍ଷକ , ସିଆଳିଆ ଓଡ଼ିଶା ଆର୍ଦଶ ବିଦ୍ୟାଳୟ**

### ଯୋଗାଭ୍ୟାସ ଦ୍ୱାରା ମନ ପ୍ରଫୁଲ୍ଲ ରହୁଛି



ଦୈନନ୍ଦିନ ଯୋଗାଭ୍ୟାସ ଦ୍ୱାରା ମାନସିକ ଶାନ୍ତ ମିଳୁଛି। ଏଇଠି ଦୁଇବର୍ଷ ହେଲା ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ମୋ ମନ ପ୍ରଫୁଲ୍ଲ ରହୁଛି। ଆଉ ଦିନସାରା ଆନନ୍ଦ ଲାଗୁଛି। ମୋର କ୍ରୋଧ ସହ ମାନସିକ ଅସ୍ଥିରତା କମିବାରେ ଲାଗିଛି। ସମସ୍ତେ ଯୋଗ କରି ନିଜକୁ ସୁସ୍ଥ ରଖିବାକୁ ଅନୁରୋଧ କରୁଛି।

**- ସାଇ ଶ୍ରୁତିକା, ଯୋଗ ଛାତ୍ରୀ**

### ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ



ବର୍ତ୍ତମାନର ମଣିଷର ଜୀବନ ଶୈଳୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ସୁସ୍ଥ ଜୀବନ ବିତାଇବା ପାଇଁ ଯୋଗର ଆଶ୍ୟକତା ରହିଛି। ଯୋଗ ଦ୍ୱାରା ଶରୀର, ମନ ସୁସ୍ଥ ରହିଥାଏ। ଯୋଗ ମାଧ୍ୟମରେ ନିଜ ଶରୀର ଓ ତ୍ୱଚାକୁ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯୋଗ କରିବା ଦରକାର। ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ।

**- ଯୋଗ ଗୁରୁ ମାଧବୀ ପାଲାକୀ, ମାଧବୀଯୋଗର ପ୍ରତିଷ୍ଠାତା**

# ମନକୁ ସ୍ଥିର ରଖେ ଯୋଗ



ମନକୁ ସ୍ଥିର କରିବାର ଅର୍ଥ ଯୋଗ। ମନ ସ୍ଥିର ହେଲେ ସମସ୍ତ ଇନ୍ଦ୍ରିୟ ବଶୀଭୂତ ହୋଇଥାଏ। ତ୍ରିଦୋଷ (ବାତ, ପିତ୍ତ, କଫ), ତ୍ରିମାଳ (ମୂତ୍ର, ପୁରିଷ, ସ୍ୱେଦ) ମଧ୍ୟ ସାମ୍ୟାବସ୍ଥାରେ ରହେ। ତେଣୁ ଏହି ଶରୀରରୂପୀ ଈଶ୍ୱରପ୍ରଦତ୍ତ ଯନ୍ତ୍ରକୁ ସୁସ୍ଥ ତଥା ନୀରୋଗ ରଖି ଠିକ୍ ରୂପେ ଚାଳନ ପାଇଁ ଯୋଗାଭ୍ୟାସ ନିତାନ୍ତ ପ୍ରୟୋଜନ। ତେଣୁ ‘ଯୋଗ କର୍ମସୁ କୌଶଳମ୍’ ଅର୍ଥାତ୍, ଯୋଗକୁ କର୍ମ ସାଧନର କୌଶଳ ବୋଲି କୁହାଯାଇଛି। ଯେପରି କଞ୍ଚା ମାଟି ପାତ୍ରରେ ପାଣି ରଖିଲେ ତାହା ମିଳେଇ ଯାଏ, ମାତ୍ର ଅଗ୍ନିରେ ପାକ ହୋଇଥିବା ଘଟରେ ପାଣି ରଖିଲେ ତାହା ମିଳେଇ ନ ଥାଏ। ସେହିପରି ଶରୀରରୂପୀ ଘଟକୁ ଯୋଗାଗ୍ନି ଦ୍ୱାରା ପାକ କରିଲେ ତାହା ବିନିଷ୍ଟ ହୋଇ ନ ଥାଏ। ଶରୀର ସୁସ୍ଥ, ନୀରୋଗ ଓ ସୁଗଠନ ନିମନ୍ତେ ଯୋଗ ହିଁ ଏକମାତ୍ର ପନ୍ଥା। ତେଣୁ ପୁରାତନ କାଳରେ ପତଞ୍ଜଳି ଆଦି ମହର୍ଷିମାନେ ଯୋଗ ଦ୍ୱାରା ନୀରୋଗ ରହି ମନକୁ ନିର୍ମଳ ଏବଂ ଏକାଗ୍ର ରଖି ବେଦ ଶାସ୍ତ୍ରାଦି ଗ୍ରନ୍ଥକୁ ଶ୍ରବଣ କରି ମନେ ରଖୁଥିଲେ।

ଯୋଗକୁ ଆଠଟି ଅଙ୍ଗରେ ବିଭକ୍ତ କରାଯାଇଛି, ଯଥା–ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣ, ଧ୍ୟାନ ଓ ସମାଧି। ‘ଯମ’ର ଅର୍ଥ ଅହିଂସା ଆଚରଣ, ସତ୍ୟ କହିବା, ପରଧନକୁ ଲୋଭ ନ କରିବା, ନିଜର ସ୍ୱାର୍ଥ ପାଇଁ ଧନ ସଞ୍ଚୟ ନ କରିବା ଓ ବ୍ରହ୍ମଚର୍ଯ୍ୟ ପାଳନ କରିବା। ନିୟମର ଅର୍ଥ ଶାରୀରିକ, ମାନସିକ କ୍ରିୟା କଳାପରେ ଶୁଦ୍ଧତା, ଅଳ୍ପରେ ପ୍ରସନ୍ନତା, ତପସ୍ୟା, ପୂଜାପାଠ କରିବା ଓ ଭଗବାନଙ୍କୁ ପ୍ରଣାମ। ଆସନର ଅର୍ଥ ସୁଖପୂର୍ବକ ସ୍ଥିର ଭାବେ ପୃଷ୍ଠ, ଶିର, ଗ୍ରୀବା ଇତ୍ୟାଦି ଶରୀରର ଉପରି ଭାଗ ସିଧା କରି ଦୃଷ୍ଟି ନାସାଗ୍ରକୁ ରଖି ରକ୍ତକମ୍ବଳ ଆସନରେ ବସିବାକୁ ବୁଝାଏ। ପ୍ରାଣାୟାମକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରାଣର ଅର୍ଥ ପ୍ରଶ୍ୱାସ ନେବା, ନିଃଶ୍ୱାସ ତ୍ୟାଗ କରିବା ଏବଂ ଆୟାମର ଅର୍ଥ ବିସ୍ତୃତ। ତେଣୁ ପ୍ରାଣକୁ ବିସ୍ତୃତ କରିବା ବା ଦୀର୍ଘ ଜୀବନ ଲାଭ କରିବା। ପ୍ରତ୍ୟାହାରର ଅର୍ଥ ଇନ୍ଦ୍ରିୟକୁ ଭୋଗ ବିଳାସରୁ ନିବୃତ୍ତ ରଖିବା। ଧାରଣର ଅର୍ଥ ପ୍ରାଣାୟାମ ପରେ ଚିତ୍ତର ଚଞ୍ଚଳତାକୁ ଦୂର କରିବା ପାଇଁ କେନ୍ଦ୍ରୀଭୂତ କରିବା। ଧ୍ୟାନ ଅର୍ଥ ମନର ସ୍ଥିରତାକୁ ଧ୍ୟାନ କୁହାଯାଏ। ସମାଧିର ଅର୍ଥ ଯେତେବେଳେ ଜୀବାତ୍ମା ଓ ପରମାତ୍ମା ସାମ୍ୟବସ୍ଥାରେ ଉପନୀତ ହୁଏ, ଅର୍ଥାତ୍, ଆତ୍ମା ଓ ମନର ଏକତ୍ର ହେବା।

ଉପରୋକ୍ତ ଆସନ ଏବଂ ପ୍ରାଣାୟାମ କରିବା ଦ୍ୱାରା ଶରୀର ନୀରୋଗ ରହିବା ସଙ୍ଗେ ସଙ୍ଗେ ବ୍ୟାଧି ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୁଏ। ମୁଖ ମଣ୍ଡଳରେ କାନ୍ତି ବୃଦ୍ଧି ପାଏ, ବର୍ଣ୍ଣରେ ଉଜ୍ଜ୍ୱଳତା ଆସେ। ମନରେ ଉତ୍ସାହ ସୃଷ୍ଟି ହୁଏ ଏବଂ ନିର୍ଭୟତା ଭାବ ପ୍ରକାଶ ପାଏ। ଏତଦବ୍ୟତୀତ ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

**–ଡା. ଆଶିଷ ବାନାର୍ଜୀ,**
ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଯୋଗର ବିଶ୍ୱ ଭାଷା

କେତେକ ଭାବନ୍ତି ଯୋଗ କେବଳ ଏକ ପ୍ରକ୍ରିୟା, ଯାହା ସେମାନଙ୍କୁ ଶିଖିବାକୁ ପଡ଼ିବ। କିନ୍ତୁ ଜନ୍ମ ହେଉଥିବା ପ୍ରତ୍ୟେକ ନବଜାତକ ନିର୍ଦ୍ଧାରିତ ଭାବେ ଜଣେ ଜଣେ ଯୋଗୀ। ଲକ୍ଷ୍ୟ କଲେ ଅନୁଭବ କରିପାରିବେ, ଶିଶୁ ସ୍ୱାଭାବିକ ଭାବେ ଶୋଇବା ବେଳେ ମୁଦ୍ରା ଗ୍ରହଣ କରେ, ଗଭୀର ଭାବେ ଉଦର ଦ୍ୱାରା ଶ୍ୱାସନିଏ, ଯୋଗୀ ପରି ଅଙ୍ଗ ଟାଣେ ଏବଂ ପାଚନ, ରୋଗ ପ୍ରତିରୋଧକ



ଶକ୍ତି ଓ ଶକ୍ତିଶାଳୀ ମେରୁଦଣ୍ଡ ପାଇଁ ଉପକାରୀ ଅଭିନ୍ନ ଅଙ୍ଗସ୍ଥିତି ନେଉଛି। ଆମେ ସମସ୍ତେ ଜନ୍ମସିଦ୍ଧ ଯୋଗୀ। ଯଦି ସେଇ ଶିଶୁର ସ୍ୱଭାବ ଓ ସ୍ୱାଭାବିକ ସମନ୍ୱୟ ଆମ ସହିତ ରହିଥାନ୍ତା, ତେବେ ଯୋଗ ଶିଖିବାର ଆବଶ୍ୟକତା ରହି ନ ଥା’ନ୍ତା। କିନ୍ତୁ ବୟସ ବଢ଼ିବା ସହିତ ଆମେ ସଂସ୍କାର ଓ ପ୍ରଭାବକୁ ଆଦରି ଥାଉ, ଯାହା ଆମର ମନକୁ ଆଚ୍ଛାଦିତ କରିଦିଏ, ଆମର ସନ୍ତୁଳନକୁ ଭଙ୍ଗ କରିଦିଏ। ଏହି ମୂଳ ପ୍ରକୃତି ହରାଇ ଆମେ ଆମ ସନ୍ତୁଳନ ଏବଂ ଶାନ୍ତି ହରାଉ। ଏଥିପାଇଁ ଯୋଗ ଓ ସାଧନା ଦେହର ସନ୍ତୁଳନ, ମନ ଏବଂ ଭାବନାରେ ସମନ୍ୱୟ ପୁନଃସ୍ଥାପନ କରିବା ପାଇଁ ନିହାତି ଆବଶ୍ୟକ।

ଆପଣ ଯାହାବି ହୁଅନ୍ତୁ ଦରକାର ମନର ସ୍ୱଷ୍ଟତା, ଶରୀରରେ ଶକ୍ତି ଓ ହୃଦୟରେ ଶାନ୍ତି। ଯୋଗ ଅର୍ଥ ନୁହେଁ ଯେ ଜୀବନରୁ ଅଲଗା ହେବ। ଏହାର ଅର୍ଥ ହେଉଛି ଘଟଣା ଓ ପରିଣାମରେ ବୁଡି ଯିବା ଛାଡ଼ି ଜୀବନକୁ ଏକ ସଂପୂର୍ଣ୍ଣ ଭାବେ ଅନୁଭବ କରିବା। ଏହି ଦକ୍ଷତା ସମସ୍ତଙ୍କ ପାଇଁ ଦରକାର।

ମହର୍ଷି ପତଞ୍ଜଳି ଯିଏ ହଜାର ହଜାର ବର୍ଷ ଆଗରୁ ଏହି ଗଭୀର ଆନ୍ତରିକ ବିଜ୍ଞାନକୁ ସୂତ୍ର ରୂପରେ ନିବନ୍ଧନ କରିଥିଲେ। ତାଙ୍କର ‘ଯୋଗସୂତ୍ର’ ଆଜି ବି ମନ ଓ ଭାବନା ପାଇଁ ଏକ ସନାତନ ଦିଗ୍‌ଦର୍ଶନ। ମାତ୍ର ଅନେକେ ଭୁଲ୍ ବୁଝନ୍ତି ଯେ, ଯୋଗ ଏକ ଧର୍ମ ବା କେବଳ ଅଂଗ ଅଭ୍ୟାସ ଶାରୀରିକ ବ୍ୟାୟାମରେ ସୀମିତ। କିନ୍ତୁ ଯୋଗ ମାନବଜାତିର। ଏହା ନିଜକୁ ଜାଣିବା ଏବଂ ତାହା ଦ୍ୱାରା ବିଶ୍ୱ ସହିତ ଗଭୀର ସଂଯୋଗ ତିଆରି କରିବାର ଏକ ପଥ।

ଯୋଗ ଶରୀର ରସାୟନକୁ ସମନ୍ୱୟ କରେ, ଯାହା ଆମକୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧ୍ୟାତ୍ମିକ ଭାବେ ପ୍ରଭାବିତ କରେ। ‘ଏନ୍‌ଆଇଏମ୍‌ଏଚ୍‌ଏନ୍‌ଏସ୍’ର ଏକୀଭୂତ ଔଷଧ (ଇଣ୍ଟିଗ୍ରେଟେଡ୍ ମେଡିସିନ) ବିଭାଗ ଦ୍ୱାରା କୃତ ଅନୁସନ୍ଧାନରେ ପ୍ରମାଣିତ ହୋଇଛି ଯେ, ଯୋଗ ସ୍ନାୟୁବିଜ୍ଞାନ ଓ ମାନସିକ ରୋଗର ଚିକିତ୍ସାରେ ଉପକାରୀ। ଶ୍ରୀଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଅଗ୍ରିମ ଅନୁସନ୍ଧାନ ଦ୍ୱାରା କୃତ ଅନ୍ୟାନ୍ୟ ଅନୁସନ୍ଧାନରେ ମଧ୍ୟ ଦେଖାଯାଇଛି ଯେ, ଯୋଗ ରୋଗ ପ୍ରତିରୋଧକ ବୃଦ୍ଧି, ବାର୍ଦ୍ଧକ୍ୟ ରୋକିବା, ପାରାସିମ୍ପାଥେଟିକ ସିଷ୍ଟମକୁ ସକ୍ରିୟ କରିବା, ଡୋପାମିନ ଉତ୍ପାଦନ ବୃଦ୍ଧି, ନିଶାମୁକ୍ତିରେ ସାହାଯ୍ୟ, ମସ୍ତିଷ୍କରେ ଗ୍ରେମାଟର ବୃଦ୍ଧି, ଉଦାସୀନତା ଓ ନିଦ୍ରାହୀନତାରେ ଆରାମ ଦେଇଥାଏ। ତତ୍‌ସହିତ ଏହା ଆପଣଙ୍କୁ ବର୍ତ୍ତମାନକୁ ଆଣେ, ଯେଉଁଠି ନକାରାତ୍ମକ ଚିନ୍ତାଗୁଡ଼ିକୁ ଛାଡ଼ି ଗଭୀର ଶାନ୍ତି ଓ ଆନନ୍ଦ ଅନୁଭବ କରିପାରିବେ।

**– ଶ୍ରୀ ଶ୍ରୀ ରବିଶଙ୍କର**

# ଯୋଗ: ଏଚ୍‌ଆଇଭି ଯୋଦ୍ଧାଙ୍କ ପାଇଁ ସଞ୍ଜୀବନୀ

ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ, ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏଥିସହିତ ସୁସ୍ଥ ସମାଜ ଗଠନ ପାଇଁ ଏହା ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ, ଏଚ୍‌ଆଇଭି/ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ – ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ, ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କେତେକ ଯୋଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟତା କରେ। ଯୋଗ, ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି



କରେ। କ୍ଳାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ୍ କରେ। ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧିକରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏଚ୍‌ଆଇଭି/ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ ଏହା ମର୍ଯ୍ୟାଦା, ସଶକ୍ତୀକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆସନ୍ତୁ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ନୁହେଁ, ବରଂ ନିଜ ପାଇଁ ଏବଂ ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।

**–ସ୍ମୃତି ସାଗରିକା କାନୁନ୍‌ଗୋ**




DSPL - 132

ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଏକ ଦଶନ୍ଧିର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସମସ୍ତ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସାରା ବିଶ୍ୱକୁ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ମହାନ ଅବଦାନ ହେଉଛି ଯୋଗ । ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ଶକ୍ତିଶାଳୀ ମାଧ୍ୟମ । ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ସୁସ୍ଥ, ଆନନ୍ଦମୟ ଓ ଧୈର୍ଯ୍ୟଶୀଳ ହୋଇପାରିଥାଏ । ଏହା ଆମର ମନୋସ୍ଥିତି ଶାନ୍ତ ରଖିବା ସହିତ ଆତ୍ମ ସଂଯମ ମଧ୍ୟ ବୃଦ୍ଧି କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉଦ୍ୟମ ଯୋଗୁଁ ଆଜି ଯୋଗ ସାରା ବିଶ୍ୱରେ ଲୋକପ୍ରିୟତା ଅର୍ଜନ କରିଛି ।

ଚଳିତ ଅନ୍ତର୍ଜାତୀୟ ଯୋଗ ଦିବସର ଅନୁଚିନ୍ତା ହେଉଛି “ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ” । ଆସନ୍ତୁ, ଏଥିରେ ଅନୁପ୍ରାଣିତ ହୋଇ ଯୋଗକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂର ପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡିଶା



୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ
ମାନ୍ୟବର ସାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ଦିନଟି କେବଳ ଏକ ପର୍ବ ନୁହେଁ; ଏହା ଆମ ଦୈନଦିନ ଜୀବନରେ ଯୋଗକୁ ସାମିଲ କରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ । ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଆମେ ସାମଗ୍ରିକ ଭାବରେ ସୁସ୍ଥ ରହିବା ସହିତ ଆମ ଦେଶ, ରାଜ୍ୟ ତଥା ସମାଜ ପ୍ରତି ଆମ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିପାରିବା ।

ଆସନ୍ତୁ, ଆମେ ଏହି ବିଶ୍ୱମଞ୍ଚରେ ଆମର ପ୍ରାଚୀନ ଯୋଗ ଜ୍ଞାନକୁ ସମ୍ମାନ ଦେଇ, ଏହି ଯୋଗ ଦିବସର ମୁଖ୍ୟ ବିଷୟ “ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ” ମାଧ୍ୟମରେ ଏକ ସୁନ୍ଦର, ସୁସ୍ଥ ଓ ସମୃଦ୍ଧ ଓଡିଶା ଗଢିବାରେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡିଶା

OIPR-10056/13/0008/2526

# ୨୪ କୋଟି ଟଙ୍କାର ରାସ୍ତା ପୁଣି ଧସିଲା

ଯାଜପୁର,୨୦।୬(ହର୍ଷବର୍ଦ୍ଧନ ବେହେରା)



ରାସ୍ତାଗୁଡ଼ିକର ନିର୍ମାଣ, ଉନ୍ନତି, ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡ଼ିଶା ପୂର୍ତ୍ତ ତଥା ରାସ୍ତା ଓ କୋଠାବାଡି ବିଭାଗ ବହନ କରିଥାଏ। ବିଭିନ୍ନ ଯୋଜନା ମାଧ୍ୟମରେ ଓଡ଼ିଶାର ରାସ୍ତା ବିକାଶ ପାଇଁ ପୂର୍ତ୍ତ ବିଭାଗର ଉଦ୍ୟମ ପ୍ରଶଂସନୀୟ ବୋଲି କୁହାଯାଏ। କିନ୍ତୁ ଯାଜପୁର ଜିଲାର ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ବିଭାଜନରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଜିଲାର ଷଠିପୁର ଠାରୁ ଯାଜପୁର ପଟକୁ ବୁଢାନଦୀ ବ୍ରିଜ ପର୍ଯ୍ୟନ୍ତ ୨୪.୯୮ କୋଟି ଟଙ୍କାର ୩.୪୦୦ କିମି ଚାରିଲେନ ରାସ୍ତା ନିର୍ମାଣକୁ ଉଦାହରଣ ଭାବେ ନିଆଯାଇପାରେ। ୨୦୨୪ ଅଗଷ୍ଟରେ ଉକ୍ତ ରାସ୍ତା ନିର୍ମାଣର ୧ ମାସ ନ ପୂରୁଣୁ ବିଭିନ୍ନ ସ୍ଥାନରେ ରାସ୍ତା ଧସି ଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସେପ୍ଟେମ୍ବରରେ ମରାମତି ହୋଇଥିଲା। ମରାମତିର ୬ ମାସ ପରେ ଏବେ ଉକ୍ତ ରାସ୍ତାର ଅନେକ ସ୍ଥାନରେ ପୁଣି ଧସି ଯାଇ ବଡ ଖାଲ ସୃଷ୍ଟି ହୋଇ ପଥଚାରୀ ଓ ଅନ୍ୟାନ୍ୟ ଯାନବାହନ ପାଇଁ ବିପଦସଙ୍କୁଳ ହୋଇଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ନିୟମିତ ଭାବେ ରାସ୍ତାର ଅବସ୍ଥା ଏଭଳି ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

୧୬ନଂ.ଜାତୀୟ ରାଜପଥର ଷଠିପୁର ଠାରୁ ଯାଜପୁର ପର୍ଯ୍ୟନ୍ତ ଅନୁଦାନ ବର୍ଷା ହୋଇଛି। ରାଜ୍ୟ ରାଜନୀତିର ହଟ୍‌ସ୍ପଟ୍ ଭାବେ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳକୁ ଗତ ୫ ବର୍ଷରେ ବିଭିନ୍ନ ପାଣ୍ଠିରୁ ୬ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଅନୁଦାନ ଆସିଛି। ତେବେ ଏହି ପାଣ୍ଠିରୁ ହାତକୁ ନିଆଯାଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ଅତି ନିମ୍ନମାନର କରାଯାଇ ମିଳିମିଶି ଚଳୁ କରାଯାଇଥିବା ଚର୍ଚ୍ଚା ହେଉଛି। ଆଶୀର୍ବାଦ ଇଞ୍ଜିନିୟରିଂ ଏଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥା ଦ୍ୱାରା ଏହି ରାସ୍ତା ନିର୍ମାଣ ପାଇଁ ୩ ଏକର ୩୦୮ ଡେସିମିଲ ଜମି ଅଧିଗ୍ରହଣ ବାବଦକୁ ୨୨.୪୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ରୁଡିଆ, ମାଧପୁର ଗ୍ରାମ ନିକଟ ରାସ୍ତାର ଏକାଧିକ ସ୍ଥାନରେ ରାସ୍ତା ଧସି, ଫାଟି ବିପଦ ସଙ୍କୁଳ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଉକ୍ତ ରାସ୍ତା କାର୍ଯ୍ୟ ୩୦।୧୧।୨୦୨୧ରେ ଆରମ୍ଭ କରାଯାଇ ୨୯।୫।୨୦୨୩ରେ ସରିବା କଥା। କିନ୍ତୁ ପ୍ରାୟ ୧ ମାସ ହେବ ରାସ୍ତା କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇ ଯାତାୟତ ଆରମ୍ଭ ହୋଇ ସାରିଛି। ଏହି ରାସ୍ତା ସିଧାସଳଖ ଯାଜପୁର ସଦର ମହକୁମାକୁ ସଂଯୋଗ କରୁଛି। ଜିଲାର ଅର୍ଦ୍ଧାଧିକ ଅଞ୍ଚଳବାସୀ ଏହି ରାସ୍ତା ଦେଇ ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ, ଜଳସେଚନ, ଗ୍ରାମ୍ୟ ନିର୍ମାଣ, ମହିଳା ଓ ଶିଶୁ ବିଭାଗ, ଜିଲା ସଦର ଡାକ୍ତରଖାନା, ମା ବିରଜା ମନ୍ଦିର, କୁସୁମା ଆଦି ସ୍ଥାନକୁ ଯାତାୟତ କରିଥାନ୍ତି। ଏହାବାଦ ଜିଲାର ସମସ୍ତ ପଦାଧିକାରୀ, ଲୋକ ପ୍ରତିନିଧି ପ୍ରମୁଖ ଏହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ହେଁ ଏହି ରାସ୍ତା ଅବସ୍ଥା ଉପରେ ଆଖି ବୁଜି ଦେଇଛନ୍ତି। ବ୍ୟୟ ଅଟକଳ ଅନୁସାରେ ପାଉଁଶ, ବାଲି, ମେଟାଲ, ପିଚୁ ଇତ୍ୟାଦି ବ୍ୟବହାରରେ ନିମ୍ନମାନର ଓ ଅସମାନତା ରହୁଥିବାରୁ ରାସ୍ତା ଅବସ୍ଥା ଦୁର୍ବଳ ହୋଇ ପଡିଛି। ଯେନତେନ ପ୍ରକାରେ କାମ ସାରି ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ଚଳୁ କରାଯାଇଛି। ଏହି ସବୁ ଅନିୟମିତତା ସମ୍ପର୍କରେ ବିଭାଗୀୟ ସଂପୃକ୍ତ ଯନ୍ତ୍ରୀ ଜାଣିଥିଲେ ସୁଦ୍ଧା ମୋଟା ଅଙ୍କର ପିସି ନେଇ ବସି ରହିଥିବା ଅଭିଯୋଗ ହେଉଛି। ଏପରିକି ରାସ୍ତାର ତଦାରଖ ଦାୟିତ୍ୱରେ ରହିଥିବା ଅଧୀକ୍ଷଣ ଯନ୍ତ୍ରୀ ମଧ୍ୟ ଏହି ଅନିୟମିତତାର କୌଣସି ପଦକ୍ଷେପ ନ ନେଇ ସଂପୃକ୍ତ ଠିକାସଂସ୍ଥା ଏବଂ ଯନ୍ତ୍ରୀଙ୍କୁ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ପାଣିକୋଇଲି ପୂର୍ତ୍ତ ବିଭାଜନ ଅଧୀନରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪୪ଟି ବିଭିନ୍ନ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିରହିଛି।

ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାଗୁଡିକର ନିର୍ମାଣ ସୁଦୃଢ କରିବା ପାଇଁ ସେ ସମସ୍ତ ଠିକାଦାରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଷଠିପୁର ଠାରୁ ଯାଜପୁର ୪ ଥାକିଆ ରାସ୍ତାର ଭାଙ୍ଗି ଯାଇଥିବା ଅଂଶକୁ ମରାମତି କରିବାକୁ ସଂପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।

**ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ବିଭାଜନ**

- ଷଠିପୁର-ବୁଢା ନଦୀ ଚାରିଲେନ ରାସ୍ତା
- ମରାମତିର ୬ ମାସ ବି ତିଷ୍ଠିଲାନି

# ସଫେଇ ହେଉନି ଡ୍ରେନ, ରାସ୍ତାରେ ଜମୁଛି ପାଣି



ରାସ୍ତାରେ ବର୍ଷାପାଣି ଜମିରହିଛି।

ଛତିଆ,୨୦।୬(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର କମ୍ପାନୀ ବଜାର ଓ ବାବୁ ଗଞ୍ଜ ବଜାରଠାରେ ପୂର୍ତ୍ତ ବିଭାଗର ଏକ ଡ୍ରେନ ଯାଇଛି। ମାତ୍ର ବର୍ଷ ବର୍ଷ ଧରି ଉକ୍ତ ଡ୍ରେନ୍‌କୁ ସଫେଇ କରାଯାଉନାହିଁ। ଫଳରେ ଡ୍ରେନ ଅଳିଆ ଆବର୍ଜନାରେ ଭର୍ତି ହୋଇ ହୋଇଛି। ଡ୍ରେନ ପାଣି ରାସ୍ତା ଉପରେ ଚାଲୁଛି। ବର୍ଷା ଅଧିକ ହେଲେ ଘରେ ମଧ୍ୟ ପାଣି ପଶି ଯାଉଛି। ଏନେଇ ଲୋକେ ଯେତେ ଅଭିଯୋଗ କଲେ ବି ପୂର୍ତ୍ତ ବିଭାଗ କର୍ଣ୍ଣପାତ କରୁନାହିଁ। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ଦୂଷିତ ପାଣି ଓ ନିମ୍ନମାନର ଅପମିଶ୍ରିତ ଖାଦ୍ୟ ଯୋଗୁ ହଇଜା ବ୍ୟାପୁଥିବା କୁହାଯାଉଛି। ଫଳରେ ଏବେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ଏହି ଡ୍ରେନକୁ ସଫେଇ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶାସକ ଦଳ କର୍ମୀ ଲଘୁ ଖଣିଜ ସମ୍ପଦ ଲୁଟୁଛନ୍ତି: ବିଜେଡି




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ନେତାମାନେ।

ଚଣ୍ଡିଖୋଲ,୨୦।୬(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ନିର୍ବାଚନମଣ୍ଡଳୀରେ ବ୍ୟାପକ ବାଲି, ମୋରମ ଓ ମାଙ୍କଡ଼ା ପଥର ଲୁଟ ହେଉଛି। ଏହାକୁ ଶାସକ ଦଳର କେତେଜଣ କର୍ମୀ ଲୁଟ୍ କରୁଥିବା ନେଇ ବଡ଼ଚଣା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବଡ଼ଚଣା ବିଜେଡି ସଭାପତି ତାପସ ରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଚଣ୍ଡିଖୋଲ ସ୍ଥିତ ରାଜୀବ କଲ୍‌ଚୁରାଲ ସେଣ୍ଟରରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦିଆଯାଇଛି। ବଡ଼ଚଣା ବିଜେଡି ସଭାପତି ରାୟ କହିଛନ୍ତି, ଗତ ଏପ୍ରିଲ ୨୦ରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବଡ଼ଚଣା ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ଲୁଟ ହେଉଥିବା ନେଇ ଅଭିଯୋଗ କରାଯାଇଥିଲା। ଗୁରୁବାର ରାତିରେ ୩ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ବଡ଼ଚଣା ପୋଲିସ ଜବତ କରିଛି। ଏହି ୩ ଟ୍ରକ ଭାଜପା କର୍ମୀ ମାନଙ୍କର। ତେଣୁ ଆମ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଛି। ବଡ଼ଚଣା ପଶ୍ଚିମାଞ୍ଚଳରେ ବେଆଇନଭାବେ ୧୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ ପଥର ଖାଦାନ ଚାଲୁଛି। ସେହିପରି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ମାଣ୍ଡୁକା ପାହାଡ଼ରେ ବେଆଇନ ମୋରମ ଉତ୍ତୋଳନ ହେଉଛି। ବେଆଇନ ଭାବେ ବାଲିଘାଟ ମଧ୍ୟ ଚାଲୁଛି। ଏଥିରେ ବାଲିଚନ୍ଦ୍ରପୁର ଓ ବୈରୀ ଥାନା ପୋଲିସର ସମ୍ପୃକ୍ତି ରହିଛି। ଶାସକ ଦଳର କର୍ମୀ ଏହି ଲୁଟ କରୁଥିବା ବେଳେ ପୋଲିସ ସେମାନଙ୍କୁ ସୁରକ୍ଷା ଦେଉଛି। ଯଦି ଏହା ବନ୍ଦ କରା ନ ଯାଏ ଆଗାମୀ ଦିନରେ ଥାନା ଘେରାଉ କରାଯିବ ବୋଲି ରାୟ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ମନ୍ମଥ କେଶରୀ ସାହେବ ରାୟ, ଦିଲୀପ କୁମାର ସାମଲ, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ ମହାନ୍ତି ଓ ଧୂଳେଶ୍ୱର ଦାସ ପ୍ରମୁଖ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଗିରଫ

ରସୁଲପୁର,୨୦।୬(ରଞ୍ଜିତ ରାଉତ)

କୁଆଖିଆ ଥାନା ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମରେ ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ଅଭିଯୁକ୍ତ ଗୌରାଙ୍ଗ ନାୟକ ଓ ଅଭିଯୋଗକାରୀ ରାଧେଶ୍ୟାମ ନାୟକଙ୍କ ଦାଦା ଫକୀର ନାୟକ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଗୌରାଙ୍ଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାଦିନ ଫକୀର ତାଙ୍କ ନାତିଙ୍କୁ ବାଇକରେ ବସାଇ ପାଖ ଗାଁ କାଣ୍ଡସରାକୁ ଯାଇଥିଲେ। ଗୌରାଙ୍ଗ ବାଟରେ ଲୁଚି ରହିଥିଲେ। ଫକୀର ସେହି ବାଟ ଦେଇ ଯାଉଥିବା ସମୟରେ ଗୌରାଙ୍ଗ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ସେମାନଙ୍କ ମଧ୍ୟରେ ବଚସାରୁ ମାରପିଟ ହୋଇଥିଲା। ଗୌରାଙ୍ଗ ଏକ ଧାରୁଆ ଅସ୍ତ୍ରରେ ଫକୀରଙ୍କୁ ଆକ୍ରମଣ କରିଥିଲେ। ସେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଗାଁ ଲୋକ ଘଟଣା ସ୍ଥଳକୁ ଦୌଡ଼ି ଆସିଥିଲେ। ସେମାନଙ୍କୁ ଦେଖି ଗୌରାଙ୍ଗ ସ୍ଥାନ ଛାଡ଼ି ପଳାଇଥିଲେ। ଲୋକେ ଫକୀରଙ୍କୁ ଉଦ୍ଧାର କରି ତାଙ୍କ ପୁତୁରା ରାଧେଶ୍ୟାମଙ୍କୁ ଖବର ଦେଇଥିଲେ। ରାଧେଶ୍ୟାମ ଆସି ଫକୀରଙ୍କୁ ଏକ ଘରୋଇ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଗୌରାଙ୍ଗ ଆକ୍ରମଣ କରିବା ସମୟରେ ଫକୀର ପ୍ରତିବାଦ କରିବା ସହ ଗୌରାଙ୍ଗଙ୍କୁ ମାଡ଼ ମାରିଥିଲେ। ଗୌରାଙ୍ଗ ଆହତ ହୋଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ରାଧେଶ୍ୟାମ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୨୩୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଥାନା ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର ମାମଲାର ତଦନ୍ତ କରୁଛନ୍ତି।

# ଡାଇରିଆ ସଚେତନତା

କାଳିଆପାଣି,୨୦।୬(ଅସିତ ମହାନ୍ତ)




ଲୋକଙ୍କୁ ସଚେତନ କରାଯିବା ସହ ଔଷଧ ବିତରଣ କରାଯାଉଛି।

ସୁକିନ୍ଦା ବ୍ଲକ୍ ଅଧୀନ କାଳିଆପାଣି ପଞ୍ଚାୟତର ବିର୍ସାନଗର କମ୍ୟୁନିଟି ହଲଠାରେ ବାଲେଶ୍ୱର ଆଲଏଜ୍ କମ୍ପାନୀ ପକ୍ଷରୁ ଡାଇରିଆ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ଔଷଧ ବିତରଣ କରାଯାଇଛି। ଏଥିରେ ବିର୍ସାନଗର ଓ ଆଖପାଖ ଅଞ୍ଚଳର ବହୁ ମହିଳା ଏବଂ ଛୋଟ ପିଲା ଯୋଗଦେଇ ରୋଗ ସମ୍ପର୍କରେ ସହଚେତନ ହେବା ସହ ଔଷଧ ନେଇଥିଲେ। ନିୟମିତ ଶୁଦ୍ଧ ପାଣି ପିଇବା, ବାସି ଖାଦ୍ୟ ନ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଝାଡ଼ାବାନ୍ତି ହେଲେ ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ କରିବାକୁ ନେବାକୁ କୁହାଯାଇଥିଲା। କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସମିତିସଭ୍ୟ ସାଲୁକୋ ହନହାଗା, କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଗୁରୁପ୍ରିତି ସିଂ, ମାନବ ସମ୍ବଳ ପରିଚାଳକ ରଞ୍ଜିତ ବିଶ୍ୱାଳ, ଖଣି ମୁଖ୍ୟ ଗିରିଜା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। କମ୍ପାନୀର ସଂଯୋଜିକା ଶ୍ରୀଦେବୀ ଏ. ଓ ଫାର୍ମାସିଷ୍ଟ ଡୋଳେସ କୁମାର ବିଶ୍ୱାଳ ଲୋକଙ୍କୁ ଓଆରଏସ୍ ଏବଂ ଡାଇରିଆ ଔଷଧ ବଣ୍ଟନ କରିଥିଲେ।

# ଛତିଆର ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ

ଛତିଆ,୨୦।୬(ସୌମ୍ୟ ରଞ୍ଜନ ସାହୁ)




ଏକ ଦୋକାନ ଉପରେ ଚଢ଼ାଉ କରାଯାଉଛି।

ଯାଜପୁର ଜିଲାରେ ଡାଇରିଆ ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ଶୁକ୍ରବାର ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଛତିଆଠାରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଚା' ଦୋକାନରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରିଛନ୍ତି। ଏଥିସହିତ ଛତିଆ ବଜାର ଓ ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଦୋକାନଗୁଡ଼ିକୁ ବନ୍ଦ କରିଛନ୍ତି। ସ୍ଥିତିରେ ସୁଧାର ଆସିଲେ ଦୋକାନରେ ବ୍ୟବହାର ହେଉଥିବା ପାନୀୟଜଳ ପରୀକ୍ଷା କରାଯିବ। ଏହାପରେ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯିବ ବୋଲି ତହସିଲଦାର ତ୍ରିପାଠୀ କହିଛନ୍ତି। ଏହି ଚଢ଼ାଉରେ ବୈରୀ ପୋଲିସ ଟିମ୍ ସାମିଲ ହୋଇଥିଲେ।

# ସ୍କୁଲଗୁଡ଼ିକୁ ବିଶୋଧନ ସାମଗ୍ରୀ ଯୋଗାଣ ଦାବି

ଯାଜପୁର ଟାଉନ,୨୦।୬
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ କଲେରା ବ୍ୟାପିଛି। ଏଥିପାଇଁ ସରକାର ସ୍କୁଲ ଖୋଲିବା ସମୟ ଗଡ଼ାଇ ଚାଲିଛନ୍ତି। କିନ୍ତୁ ସ୍କୁଲ୍ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ସୁରକ୍ଷା ପାଇଁ କିଛି ବିହୀତ ପଦକ୍ଷେପ ଗ୍ରହଣ କରଯାଇନାହିଁ। ତେଣୁ ବିଦ୍ୟାଳୟଗୁଡ଼ିକୁ ବିଶୋଧନ ସାମଗ୍ରୀ ଯଥା ; ବ୍ଲିଚିଂ ପାଉଡର, ଫିନାଇଲ, ହେଲୋଜିନ୍ ବଟିକା ଏବଂ ଓଆରଏସ୍ ପାଉଚ ତୁରନ୍ତ ଯୋଗାଇ ଦେବାକୁ ଜିଲା ଉପଭୋକ୍ତା ସମିତି ସଭାପତି ଦିଗମ୍ବର କର ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଏଥିସହିତ ବିଦ୍ୟାଳୟ ଖୋଲିବା ପରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କିପରି ଚାଲିବ ତାହାର ତଦାରଖ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ହଇଜା ସଚେତନତା କାର୍ଯ୍ୟକ୍ରମ



ଆଶାକର୍ମୀମାନେ ଜଣେ ଲୋକଙ୍କୁ ସଚେତନ କରୁଛନ୍ତି।

ବିଞ୍ଝାରପୁର,୨୦।୬ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗ ପଞ୍ଚାୟତରେ ହଇଜା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୂପଶ୍ରୀ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତଙ୍ଗରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରିୟବ୍ରତ ପଣ୍ଡା ମୁଖ୍ୟ ସଚେତକ ଭାବରେ ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ହଇଜାରୁ ଦୂରରେ ରହିବା ପାଇଁ ହାତ ଧୋଇବା ସହ ଝାଡ଼ାବାନ୍ତି ହେଲେ ତୁରନ୍ତ ଡାକ୍ତରଖାନାକୁ ଯିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତଙ୍ଗରା ଏଏନ୍‌ଏମ୍‌ର ମନୋରମା ଦିଦି, ଉତ୍ତଙ୍ଗ ପଞ୍ଚାୟତର ଏଏନ୍‌ଏମ୍ ସବିତା ବିଶ୍ୱାଳ ଓ ଏମ୍‌ବିକେ ଅନ୍ନପୂର୍ଣ୍ଣା ମିଶ୍ର ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ପରେ ସେମାନେ ଘରକୁ ଘର ବୁଲି ଓଆରଏସ୍, ହାଲୋଜିନ ବଟିକା ବଣ୍ଟନ ଓ ବ୍ଲିଚିଂ ପାଉଡର ବଣ୍ଟନ କରିଥିଲେ।

# ପାନୀୟ ଜଳ, ପରିମଳ ବ୍ୟବସ୍ଥା ଉପରେ ଆଲୋଚନା

ଯାଜପୁରରୋଡ୍,୨୦।୬(ପବିତ୍ର ରଞ୍ଜନ ମହାନ୍ତି)

**ଡାଇରିଆ ନିରାକରଣ ପଦକ୍ଷେପ ନେଇ ଅତିରିକ୍ତ ଜିଲାପାଳଙ୍କ ସମୀକ୍ଷା ବୈଠକ**



ବୈଠକରେ ଯୋଗଦେଇଥିବା ଅଧିକାରୀ।

ଯାଜପୁର ଜିଲାରେ ଡାଇରିଆର ହଟସ୍ପଟ ପାଲଟିଥିବା ବ୍ୟାସନଗର ପୌର ପରିଷଦ ଓ ଆଖପାଖ ଅଞ୍ଚଳରୁ ୫ ଜଣ ବୟସ୍କ ଓ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ଏହି ରୋଗ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ପରେ ଡାଇରିଆ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ହେଲେ ଆଗକୁ ଏହାର ପୁନରାବୃତ୍ତି ନ ହେବା ଓ ନିରାକରଣ ପାଇଁ ପ୍ରଶାସନିକସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଦୂଷିତ ଜଳ ଓ ଅପମିଶ୍ରିତ ଖାଦ୍ୟ ପାଇଁ ଏହି ରୋଗ ବ୍ୟାପି ଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି। ଏହାର ଆଗାମୀ ପଦକ୍ଷେପ ଓ ନିରାକରଣ ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ବ୍ୟାସନଗର ପୌର ପରିଷଦ ସଭାଗୃହରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଅଧିକାରୀ ଓ କାଉନସିଲର ଯୋଗ ଦେଇଥିଲେ। ବୈଠକରେ ପୌର ପରିଷଦର ୨୬ ୱାର୍ଡରେ ଥିବା ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା ହୋଇଥିଲା।

କାଉନସିଲରମାନେ ସେମାନଙ୍କ ୱାର୍ଡରେ ଡାଇରିଆ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ଅତିରିକ୍ତ ଜିଲାପାଳ ନନ୍ଦ କହିଥିଲେ, ପ୍ରତ୍ୟେକ ୱାର୍ଡରେ ଥିବା ଜଳଉତ୍ସର ବିଶୋଧନ କରାଯିବା ସହ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ପାଇପ ପାଣି, ନଳକୂପ, ବ୍ୟକ୍ତିଗତ ବୋରୱେଲ ଓ ଘରର ପାଣି ଟାଙ୍କି ଗୁଡିକୁ ବିଶୋଧନ କରାଯାଉଛି। ସହରର ବିଭିନ୍ନ ହୋଟେଲ, ଖାଦ୍ୟ ବିକ୍ରି କେନ୍ଦ୍ର ଓ ପ୍ୟାକେଜ ପାଣିର ନମୁନା ପରୀକ୍ଷାରେ ଅପମିଶ୍ରିତ ଓ ଦୂଷିତ ଥିବା ରିପୋର୍ଟ ଆସିବାପରେ ସେଗୁଡିକୁ ସିଲ କରାଯାଇଛି। ବାହାରେ ଖାଦ୍ୟପଦାର୍ଥ ବିକ୍ରି ଉପରେ ପ୍ରଶାସନିକ ରୋକ ଲାଗଯାଇଛି। ସ୍ୱାସ୍ଥ୍ୟ, ଆଶା, ଅଙ୍ଗନୱାଡ଼ି, ଏଏନଏମ କର୍ମୀଙ୍କ ଦ୍ୱାରା ଘରେଘରେ ହାଲୋଜିନ ବଟିକା, ଓଆରଏସ ଓ ହାତ ଧୋଇବା ପାଇଁ ୨ଟି ସାବୁନ ବଣ୍ଟନ କରାଯାଉଛି। ପାଣି ଫୁଟାଇ ପିଇବା ସହ ବାହାରେ ମଳତ୍ୟାଗ ନ କରିବା ପାଇଁ ସଚେତନ କରାଯାଉଛି। ଯେଉଁ ରୋଗୀ ସୁସ୍ଥ ହୋଇ ଫେରିଛନ୍ତି ସେମାନେ ଓ ସେମାନଙ୍କ ପରିବାର ଉପରେ ନଜର ରଖାଯିବ। କୌଣସି ସୂଚନା ମିଳିଲେ ପ୍ରଶାସନକୁ ଅବଗତ କରିବାକୁ ଅତିରିକ୍ତ ଜିଲାପାଳ ନନ୍ଦ ପ୍ରକାଶ କରିଛନ୍ତି। ଏଥିସହିତ ଡାଇରିଆ ଓ ହଇଜା ନିରାକରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ କାଉନସିଲରଙ୍କ ସହଯୋଗ ଲୋଡ଼ିବା ସହ ଅଧିକାରୀମାଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ପୌର ନିର୍ବାହୀ ଅଧିକରୀ ପ୍ରଦୀପ୍ତ କୁମାର ପାଢ଼ୀ, ୱାଟକୋ ସହ ପରିଚାଳକ ବିଚିତ୍ରାନନ୍ଦ ପୁହାଣ, ପରିମଳ ନିରୀକ୍ଷକ ମାଣିକ ରଞ୍ଜନ ନାୟକ, ଅଧିକରୀ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ଆଇନଜୀବୀଙ୍କ ସିରସ୍ତା ପୋଡ଼ି ଘଟଣା: ଯୁବକ କୋର୍ଟ ଚାଲାଣ**
ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ମାର୍ଶାଘାଇ ଥାନା ଅନ୍ତର୍ଗତ ସ୍ଥାନୀୟ ତହସିଲ ମାଜିଷ୍ଟ୍ରେଟ କୋର୍ଟରେ କାର୍ଯ୍ୟରତ ଓକିଲ ଯଶୋବନ୍ତ ରାଉତଙ୍କ ସିରସ୍ତାକୁ ଜଣେ ବ୍ୟକ୍ତି ଗତ ୨ ତାରିଖରେ ପୋଡ଼ି ଦେଇଥିଲେ। ଏହି ଘଟଣାରେ ପୋଲିସ ଶୁକ୍ରବାର ସରୋଜ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠେଇ ଦିଆଯାଇଛି।



# ମହାନଦୀ ବନ୍ଧ ନିର୍ମାଣ କାମ ନିମ୍ନମାନର

ଜଗତ୍‌ସିଂହପୁର, ୨୦।୬
(ପ୍ରମୋଦ କୁମାର ନାୟକ)

- ୮ କୋଟି ଟଙ୍କା ବ୍ୟୟବରାଦ
- ଠିକାଦାରଙ୍କ ବିଲ୍ ବନ୍ଦ ପାଇଁ ଉପଜିଲାପାଳଙ୍କ ସୁପାରିସ
- ସ୍ୱର ଉଠାଇଥିଲେ ୫ ଗ୍ରାମର ଲୋକେ

ମହାନଦୀ ସାଉଥ ଡିଭିଜନ ଅନ୍ତର୍ଗତ ଏହି ନଦୀର ବାମପାର୍ଶ୍ୱ କୃଷ୍ଣାନନ୍ଦପୁରଠାରୁ ପୋଶଲ ପର୍ଯ୍ୟନ୍ତ ବନ୍ଧର ଉନ୍ନତୀକରଣ ଓ ପିଚୁ କାମ ପାଇଁ ୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ନିଲାମ ପାଇ ଓସିସି କାମ କରୁଛି। କିନ୍ତୁ ଏହି କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ନଦୀବନ୍ଧ ପାର୍ଶ୍ୱରୁ ମାଟି ତଡ଼ାଯିବା ସହ ଯେଉଁଭଳି ଭାବେ ଗଛ ଭଙ୍ଗାଯାଉଛି ତାହା ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ୫ଟି ଗ୍ରାମପଞ୍ଚାୟତର ଅଧିବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲାପରେ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ତଦନ୍ତ ହୋଇଛି। ଜିଲାପାଳଙ୍କ ପରାମର୍ଶକ୍ରମେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଅଛି ବୋଲି ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଉପଜିଲାପାଳ ଦର୍ଶାଇଛନ୍ତି ଯେ, ତିର୍ତ୍ତୋଲ ତହସିଲଦାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସେ କୃଷ୍ଣାନନ୍ଦପୁର ନିକଟ ମହାନଦୀ ରିଙ୍ଗ୍ ରୋଡ୍ ନିର୍ମାଣସ୍ଥଳ ପରିଦର୍ଶନରେ ଯାଇଥିଲେ। ଅଭିଯୋଗ ଅନୁଯାୟୀ, ରିଙ୍ଗ ରୋଡ୍‌ର ନିର୍ମାଣ କାମ ଅତି ନିମ୍ନମାନର ଥିବା ଦେଖାଯାଇଥିଲା। ଠିକାଦାର ଜେସିବି ଲଗାଇ ଅସଲ ରାସ୍ତା ବେସ୍‌ରୁ ମାଟି ଆଣି ରାସ୍ତାପାର୍ଶ୍ୱରେ ବ୍ୟବହାର କରିଛନ୍ତି। ଏବେ ବର୍ଷାଦିନ ହୋଇଥିବାରୁ ଏହି ମାଟି ସମ୍ପୂର୍ଣ୍ଣଭାବେ ଧୋଇଯିବା ସହ ରାସ୍ତା ଦୁର୍ବଳ ହୋଇଯାଇଛି। ତଦନ୍ତ ସମୟରେ ବିଭାଗୀୟ କୌଣସି ଯନ୍ତ୍ରୀ ସେଠାରେ ଉପସ୍ଥିତ ନ ଥିଲେ। ବିଭାଗୀୟ ପର୍ଯ୍ୟବେକ୍ଷଣ ଅଭାବରୁ ଠିକାଦାର ମନମୁଖିଭାବେ ମହାନଦୀ ବାମପାର୍ଶ୍ୱ ରିଙ୍ଗ ରୋଡ କାମ କରି ଚାଲିଛନ୍ତି। ଏହା ସଂଶୋଧନ ହେବା ଆବଶ୍ୟକ। ସୁରକ୍ଷାକୁ ଦୃଷ୍ଟିରେ ରଖି ଠିକାଦାର ରାସ୍ତାର ବେସରେ ମାଟି ପୂରଣ କରିବା ଜରୁରୀ। ମାଟି ପୂରଣ ଓ ଆବଶ୍ୟକ ସଂଶୋଧନ ନ କରିବା ଯାଏ ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ ବନ୍ଦ କରିବାକୁ ଉପଜିଲାପାଳ ଜିଲାପାଳଙ୍କୁ ସୁପାରିସ କରିଛନ୍ତି। ଉପଜିଲାପାଳଙ୍କ ତଦନ୍ତ ପରେ ୫ ପଞ୍ଚାୟତ ଯଥା କୃଷ୍ଣାନନ୍ଦପୁର, ବିଶୁନପୁର, କନିମୂଳ, ଡାଇଁଲୋ ଓ ଗୋପାଳପୁର (ଏସ୍)ର ଲୋକେ ଆଶ୍ୱସ୍ତ ଅନୁଭବ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସମସେର ଅଲ୍ଲୀ, ରାଧାନାଥ ଦାସ, ଦୁଷ୍ମନ୍ତ କୁମାର ସାହୁ, ସୁମନ୍ତ କୁମାର ସାହୁ, ମନୋଜ କୁମାର ପୃଷ୍ଟି, ନୃସିଂହ ଚରଣ ଦାସ, ରାକେଶ ସାହୁ, ଶାନ୍ତନୁ କୁମାର ଦାସ,


କୃଷ୍ଣାନନ୍ଦପୁରଠାରୁ ପୋଶଲ ପର୍ଯ୍ୟନ୍ତ ମହାନଦୀ ବାମପାର୍ଶ୍ୱ ବନ୍ଧ କାମ ଚାଲିଛି।

ରଞ୍ଜନ କୁମାର ଦାସ ଓ ସୁଲତାନ ଅଲ୍ଲୀ, ଧୋୟା ଜନଜାଗରଣ ମଞ୍ଚ ସଭାପତି ବିଜୟ ଦାସ, ପ୍ରଶାନ୍ତ କୁମାର ପଣ୍ଡା, ନବନିର୍ମାଣ କୃଷକ ସଙ୍ଗଠନ କାର୍ଯ୍ୟକର୍ତ୍ତା ମାୟାଧର ସାହୁ ଓ ସୁଶାନ୍ତ ଦାସଙ୍କ ସମେତ ବହୁ ଲୋକ ପୂର୍ବରୁ ଜିଲାପାଳଙ୍କ ନିକଟରେ ନଦୀବନ୍ଧର ଅବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନେ ଦର୍ଶାଇଥିଲେ, ମହାନଦୀ ବାମପାର୍ଶ୍ୱ କୃଷ୍ଣାନନ୍ଦପୁରରୁ ପୋଶଲ ପର୍ଯ୍ୟନ୍ତ ବନ୍ଧର ଉନ୍ନତୀକରଣ ଓ ପିଚୁ କାମ ପାଇଁ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ନିଲାମ ପାଇଥିଲେ। କିନ୍ତୁ ଶୁଣିବାକୁ ମିଳିଛି ଯେ, ଉକ୍ତ ନିଲାମଧାରୀ କାର୍ଯ୍ୟସ୍ଥଳକୁ ନ ଆସି ନିକଟସ୍ଥ ବିଶୁନପୁର ଗ୍ରାମପଞ୍ଚାୟତ କୋଲଟା ଗ୍ରାମର ଜଣେ ଅସାମାଜିକ ବ୍ୟକ୍ତିଙ୍କୁ ଏହାର ଦାୟିତ୍ୱ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜେସିବି ସାହାଯ୍ୟରେ ନଦୀ ବନ୍ଧ ୨ ପାର୍ଶ୍ୱରୁ ଗଛଗୁଡ଼ିକୁ ଭାଙ୍ଗି ପକାଉଛନ୍ତି। କେବଳ ଏତିକି ନୁହେଁ, ନଦୀବନ୍ଧ ୨ ପାର୍ଶ୍ୱ ମୂଳରୁ ମାଟି ତାଡ଼ି ଏହାର ଉଭୟ ପାର୍ଶ୍ୱରେ ପକାଉଛନ୍ତି। ଗ୍ରାମବାସୀ ବିରୋଧ କରିବାରୁ ସେ ବିଭିନ୍ନ ପ୍ରକାର ଧମକ ଦେଉଛନ୍ତି। ଏ ପରିସ୍ଥିତିରେ ଲୋକେ ମହାନଦୀ ସାଉଥ୍ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଓ ବିଭାଗୀୟ ମଣିଜଙ୍ଗା ଏସ୍‌ଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଓସିସି କାମ କରୁଥିବାରୁ ଏହି ବିଭାଗକୁ ଜଣାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ କହିଥିଲେ। ଏହାପରେ ମଣିଜଙ୍ଗା ଏସ୍‌ଡିଓ କାର୍ଯ୍ୟସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ସତ୍ୟାସତ୍ୟ ଜାଣିଥିଲେ। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ଜଣକ ପୂର୍ବପରି କାମ ଚାଲୁ ରଖିଛନ୍ତି। ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ଧମକରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜିଲାପାଳ ନିଜେ ନଦୀବନ୍ଧ ପରିଦର୍ଶନ କଲେ ବାସ୍ତବରେ ଉନ୍ନତୀକରଣ ହେଉଛି କି ସରକାରଙ୍କ ପାଣ୍ଠିରୁ ଟଙ୍କା ବ୍ୟୟ କରାଯାଇ ନଦୀବନ୍ଧକୁ ଦୁର୍ବଳ କରାଯାଉଛି ତାହା ସ୍ପଷ୍ଟ ହୋଇପାରିବ ବୋଲି ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମହାନଦୀ ସାଉଥ ଡିଭିଜନ୍ ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସଙ୍କ ସହ ମୋବାଇଲ୍‌ରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ଉତ୍ତମ ପରିବେଶ, ବିଶୁଦ୍ଧ ପାନୀୟଜଳ ଶରୀରକୁ ସୁସ୍ଥ ରଖେ

ରଘୁନାଥପୁର,୨୦।୬
(ରାଜେନ୍ଦ୍ର ନାରାୟଣ ସିଂହ)

## ବିଦ୍ୟାଳୟରେ ସରପଞ୍ଚଙ୍କ ସଚେତନତା କାର୍ଯ୍ୟକ୍ରମ

ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲାରେ ଡାଇରିଆରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରଜଛୁଟି ପରେ ସ୍କୁଲ ଖୋଲିଥିବାରୁ ରଘୁନାଥପୁର ବ୍ଲକ ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ପଞ୍ଚାୟତରେ ଥିବା ବିଭିନ୍ନ ସ୍କୁଲରେ ପହଞ୍ଚି ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କରିଛନ୍ତି। ସେ ବିଭିନ୍ନ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା ଦେଖିବା ସହ ପିଇବା ପାଇଁ ଥିବା ପାଣିଟାଙ୍କି, ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହେଉଥିବା ପାକଶାଳା, ଶୌଚାଳୟ ଓ ଡଷ୍ଟବିନ କୁଣ୍ଡ ଆଦି ତଦାରଖ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ଏହାଛଡା ନିୟମିତ ଭାବେ ବ୍ଲିଚିଂ ବ୍ୟବହାର ଓ ପିଲାମାନେ ଖାଇବା ପୂର୍ବରୁ ଯେପରି ଭଲଭାବେ ହାତ ସଫା କରି ଖାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ଖାଦ୍ୟ ପ୍ରସ୍ତୁତି ଓ ପିଇବା ପାଇଁ ବିଶୁଦ୍ଧ ଜଳ ବ୍ୟବହାର କରିବା ନିମନ୍ତେ ସରପଞ୍ଚ ନାୟକ ସତର୍କ କରିଥିଲେ। ବର୍ଷାଋତୁରେ ବର୍ଷା ଜାରି ରହିଥିବାରୁ ଯଥାସମ୍ଭବ ଭୋଜିଭାତରୁ ଦୂରେଇ ରହିବା ଓ ଅପରିଷ୍କାର ସ୍ଥାନରେ ବସି ନ ଖାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉତ୍ତମ ପରିବେଶ ଓ ବିଶୁଦ୍ଧ ପାନୀୟଜଳ ଶରୀରକୁ ସୁସ୍ଥ ରଖେ ବୋଲି ସରପଞ୍ଚ ନାୟକ ଛାତ୍ରୀଛାତ୍ରଙ୍କୁ କହିଥିଲେ।

# ସମୂହ ସଫେଇ, ଚାରାରୋପଣ କାର୍ଯ୍ୟକ୍ରମ

ପାରାଦୀପ, ୨୦।୬(ଶରତ ରାଉତ)

ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ଶୁକ୍ରବାର ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ପକ୍ଷରୁ ସମୂହ ସଫେଇ ସହ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏନେଇ ସ୍ଥାନୀୟ ମଧୁବନ ମାଉସୀ ମା'ମନ୍ଦିର ନିକଟ କ୍ରିକ୍ ପାଖରେ ସଫେଇ କରାଯାଇଥିଲା। ଏଥିସହ କ୍ୟାବିନ ମାର୍କେଟ ପାଖରେ ଚାରା ରୋପଣ କରାଯାଇଥିଲା। ଏଥିରେ ବନ୍ଦର କର୍ମଚାରୀ, ସାକ୍ଷରତା ସମିତି ମହିଳା ସଦସ୍ୟା, ଆର୍ଟ ଅଫ ଲିଭିଂ ସଂସ୍ଥାର ଯୋଗଗୁରୁ, ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶନିବାର ଗୋପବନ୍ଧୁ ଷ୍ଟାଡିୟମରେ ଯୋଗ ଶିବିର ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଏହି ସଫେଇ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଓ ଅନ୍ୟମାନେ ସାମିଲ ହୋଇଥିଲେ।


ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଚାରାରୋପଣ କରୁଛନ୍ତି।

# ଗୋପୀନାଥ ଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ଦାବି

ତିର୍ତ୍ତୋଲ, ୨୦।୬ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ତହସିଲ ଅଧୀନ କଣ୍ଟାପଡ଼ାସ୍ଥିତ ଗୋପୀନାଥଜୀଉଙ୍କ ପ୍ରାୟ ୫୬ ଏକର ସମ୍ପତ୍ତି ରହିଛି। ଉକ୍ତ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଦୀର୍ଘବର୍ଷ ହେବ ନିୟମିତ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇନାହିଁ। ମନ୍ଦିର ପରିଚାଳନା ଓ ଜମିବାଡ଼ି ରକ୍ଷଣାବେକ୍ଷଣ ଲାଗି ଶୀଘ୍ର ଟ୍ରଷ୍ଟ ବୋର୍ଡ ଗଠନ କରା ନ ଗଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ କରି ଗୁରୁବାର ନାରାୟଣ ପ୍ରସାଦ ନନ୍ଦ, ସୁଦର୍ଶନ ପଣ୍ଡା, ଉଦୟ ନାଥ ଜେନା, ରବୀନ୍ଦ୍ର ଲେଙ୍କା, ଅଜୟ ଲେଙ୍କା, ମନୋଜ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ୨୦୦୯ ପୂର୍ବରୁ ମନ୍ଦିରର ନିୟମିତ ଟ୍ରଷ୍ଟ ବୋର୍ଡ ରହିଥିଲା। ଏହା ପରଠାରୁ ନିୟମିତ ବୋର୍ଡ ବଦଳରେ ଦୀର୍ଘବର୍ଷ ହେବ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟ ଗଠନ ହୋଇ ପରିଚାଳନା ଚାଲିଥିଲା। କିନ୍ତୁ ୨୦୨୪ଠାରୁ ଆଉ କୌଣସି ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ। କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜୋରଜବରଦସ୍ତ ନିଜକୁ ଟ୍ରଷ୍ଟି ପରିଚୟ ଦେଇ ଠାକୁରଙ୍କ ଆୟଠାରୁ ଆରମ୍ଭ କରି ଅନ୍ୟ ଅର୍ଥ ହରିଲୁଟ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯିଏ ସ୍ୱର ଉତ୍ତୋଳନ କରୁଛି ତାଙ୍କୁ ବିଭିନ୍ନ ଧମକ ଦିଆଯିବା ସହ ସେମାନଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରାଯାଉଛି। ଏଥିରେ ଭୟଭୀତ ହୋଇ କେହି ପାଟି ଫିଟାଉନାହାନ୍ତି। ଏବେ ପୁରୁଣା ପୂଜକଙ୍କୁ ହଟାଇ ଦିଆଯାଇଛି। ପୂଜାରେ ମଧ୍ୟ ବ୍ୟାଘାତ ଘଟିଛି। ତେଣୁ ମିଳିତ ଭାବେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ ଓ ଦେବୋତ୍ତର ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ ଲାଗି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସମ୍ମିଳନୀରେ ଅଞ୍ଚଳବାସୀ ଘୋଷଣା କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ମହମ୍ମଦପୁର ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ଠାକୁରଙ୍କ ଏକ ଜମି ଉପରେ ସ୍ଥାୟୀ ଘର ନିର୍ମାଣ କରିଛନ୍ତି। ସେଠାରେ ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବାରୁ ଗ୍ରାମବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ବାଖରପୁର, ମାଲଣ୍ଡ, କଣ୍ଟାପଡା ଇତ୍ୟାଦି ଗ୍ରାମରେ ଠାକୁରଙ୍କ ଜମି ବିଭିନ୍ନ ବ୍ୟକ୍ତି ବେଆଇନ ଭାବେ ମାଡ଼ି ବସିଛନ୍ତି। ଦୀର୍ଘଦିନରୁ ଠାକୁରଙ୍କ ସେବା କରି ଜାଗିରି ଖାଉଥିବା ସେବାୟତଙ୍କୁ ଜମିରୁ ଜବରଦସ୍ତ ଉଚ୍ଛେଦ କରି ସେମାନଙ୍କ ନାମରେ ମିଛ ମକଦ୍ଦମା ଧମକ ଦିଆଯାଉଛି। ଜବରଦଖଲରେ ଥିବା ଠାକୁର ଜମିକୁ ଉଦ୍ଧାର କରିବା ଓ ଠାକୁରଙ୍କ ନୀତି ପରିଚାଳନା ପାଇଁ ନୂତନ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆବର୍ଜନା କୁଣ୍ଡ ପାଲଟିଥିବା ତାଳଦଣ୍ଡା କେନାଲ ସଫେଇ ଆରମ୍ଭ


ଆବର୍ଜନାରେ ପୋତି ହୋଇଥିବା ତାଳଦଣ୍ଡା କେନାଲ ଶଯ୍ୟା।

କୁଜଙ୍ଗ,୨୦।୬ (ମନୋଜ ପ୍ରଧାନ)

କୁଜଙ୍ଗସ୍ଥିତ ତାଳଦଣ୍ଡା କେନାଲ ସଫେଇ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କୁଜଙ୍ଗ ବଜାରର ବ୍ୟବସାୟୀମାନେ ବହୁବର୍ଷ ଧରି ଏହି କେନାଲକୁ ଆବର୍ଜନା କୁଣ୍ଡ ଭାବେ ବ୍ୟବହାର କରୁଥିଲେ। ଏଥିଯୋଗୁ କେନାଲ ଶଯ୍ୟା ପୋତି ହୋଇ ପଡିବା ସାଙ୍ଗକୁ ବର୍ଜ୍ୟ ସବୁ ପଚି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଥିଲା। ଅନ୍ୟପଟେ କେନାଲ ପାଣି ବିଷାକ୍ତ ହୋଇ ରୋଗବାହାକ ସାଜିଥିଲା। ଏସଂକ୍ରାନ୍ତରେ ଧରିତ୍ରୀରେ ମେ' ୨୮ ତାରିଖରେ 'କୁଜଙ୍ଗ ବଜାରର ଆବର୍ଜନା କୁଣ୍ଡ ପାଲଟିଛି ତାଳଦଣ୍ଡା କେନାଲ' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

ଉକ୍ତ ସମ୍ବେଦନଶୀଳ ଘଟଣାକୁ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତର ଭାବେ ନେଇ କେନାଲ ସଫା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜୁନ୍ ୧୮ରେ ଅନୁଷ୍ଠିତ କୁଜଙ୍ଗ ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ସମ୍ପଦ ଦୁଇଦିନ ମଧ୍ୟରେ ତାଳଦଣ୍ଡା କେନାଲ ସଫେଇ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ବିଭାଗ ପକ୍ଷରୁ ପ୍ରତିବର୍ଷ ବର୍ଷାଋତୁ ଆରମ୍ଭରେ ନାମକୁ ମାତ୍ର କେନାଲରୁ ଦଳ ସଫା କରାଯାଇଥାଏ । ମାତ୍ର କୁଢ଼ କୁଢ଼ ଅଳିଆରେ କେନାଲ ଶଯ୍ୟା ପୋତି ହୋଇ ଚାଲିଥିଲେ ବି ବିଭାଗ ଏନେଇ କୌଣସି ପଦକ୍ଷେପ ନିଏ ନାହିଁ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଦେବାଶିଷ ମହାନ୍ତିଙ୍କୁ ପଚାରିବାରୁ ହଇଜା ସଂକ୍ରମଣକୁ ଆଖି ଆଗରେ ରଖି ପୋତି ହୋଇପଡିଥିବା ଶଯ୍ୟା ଓ ଆବର୍ଜନା ସଫା କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ବଜାର ଅଞ୍ଚଳ କେନାଲ ଶଯ୍ୟାକୁ ସଫା ରଖିବା ପାଇଁ ସେଠାରେ କେନାଲ ଉପରେ କଲଭର୍ଟ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏଥିନିମନ୍ତେ ବିଭାଗ ପକ୍ଷରୁ ୬୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଉଚ୍ଚସ୍ତରୀୟ କମିଟିକୁ ମଞ୍ଜୁରୀ ନିମନ୍ତେ ପ୍ରସ୍ତାବ ପଠାଯାଇଛି । ଏନେଇ ଖୁବ୍‌ଶୀଘ୍ର ମଞ୍ଜୁରୀ ମିଳିବ ବୋଲି ମହାନ୍ତି କହିଛନ୍ତି ।

# କୀଟନାଶକ ବ୍ୟବହାର ସମ୍ପର୍କିତ କୃଷକ ତାଲିମ ଶିବିର

ବାଲିକୁଦା,୨୦।୬ (ତାପସ ସ୍ୱାଇଁ)

କୀଟନାଶକ ଠିକ୍ ବ୍ୟବହାର ସମ୍ପର୍କରେ ଏକ କୃଷକ ତାଲିମ ଶିବିର ଶୁକ୍ରବାର ବାଲିକୁଦା କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ନାଉଗାଁ ବ୍ଲକ କୃଷି ଅଧିକାରୀ ଯୋଗସ୍ମିତା ପାତ୍ର, ବିରିଡ଼ି ବ୍ଲକ ସହକାରୀ କୃଷି ଅଧିକାରୀ ତୃଷ୍ଣା ସ୍ୱାଇଁ, ଜଗତ୍‌ସିଂହପୁର ବ୍ଲକ ସହକାରୀ କୃଷି ଅଧିକାରୀ ଅଗ୍ନି ପଣ୍ଡା ଯୋଗଦେଇ ଚାଷୀମାନେ ଫସଲରେ କୀଟନାଶକ ବ୍ୟବହାର ସମୟରେ କ'ଣ କରିବା ଆବଶ୍ୟକ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶିବିରରେ ଗ୍ରାମ୍ୟ କୃଷି କର୍ମଚାରୀ ସରୋଜ କୁମାର ରାୟ, ରାମଚନ୍ଦ୍ର ହେମ୍ବ୍ରମ, ପ୍ରଭୁଚରଣ ନାୟକ, ସତ୍ୟଜିତ ଟୁଡୁ , କୃଷି ଓଭରସିଅର ସୁଶାନ୍ତ କୁମାର ବେହେରାଙ୍କ ସମେତ ୩୦ ପଞ୍ଚାୟତର କୃଷକ ସାଥୀ ଉପସ୍ଥିତ ଥିଲେ।


ତାଲିମ ଶିବିରରେ ଯୋଗଦେଇଥିବା କୃଷି ଅଧିକାରୀ ଓ ଅନ୍ୟମାନେ।

# ଜଳ ବିଶୋଧନ ପ୍ରକ୍ରିୟା ଆରମ୍ଭ

ଏରସମା,୨୦।୬ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଜଳ ବିଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ୫ ଦଳ ଚଳିତ ସପ୍ତାହରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରେ ୨୫ ଜଣ ସ୍ୱାବଲମ୍ବୀ କାରିଗର, ପାଇପ ମିସ୍ତ୍ରି ଓ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ପ୍ରତି ପଞ୍ଚାୟତକୁ ମାଟି ତଳେ ସଂଯୋଗ କରାଯାଇଥିବା ପାଇପ ଲାଇନର ଜଳ ଉତ୍ସ, ଓଭର ହେଡ୍ ଜଳ ଉତ୍ସ ଓ ନଳକୂପର ଜଳ ବିଶୋଧନ ପାଇଁ ବ୍ଲିଚିଂ ପ୍ରୟୋଗ କରାଯାଉଛି। ବର୍ଷା ଋତୁରେ ଝାଡ଼ାବାନ୍ତି, ମ୍ୟାଲେରିଆ ଜ୍ୱରକୁ ଦୂର କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଉଥିବା ଏହି ଯୋଜନାକୁ ସଫଳ କରିବା ପାଇଁ ଜିରାଇଲୋ, ଆମ୍ବିକି, ଜପା, ଗଡ଼କୁଜଙ୍ଗ, ବାଲେଇପୁର, ଭିତର ଅନ୍ଧାରୀ ପ୍ରଭୃତି ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି।


ନଳକୂପକୁ ବିଶୋଧନ କରାଯାଉଛି।


ପାରାଦୀପର ମୁଖ୍ୟ ପରିବା ମାର୍କେଟ ପରିସର କଂକ୍ରିଟ୍ ହେଲା ପରେ ମଧ୍ୟ ସେଠାରେ ବର୍ଷାପାଣି ଜମି ରହୁଛି। ସେଥିରେ ପଚାଶଢ଼ା ଦ୍ରବ୍ୟ ପଡ଼ିବା ପରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହାସତ୍ତ୍ୱେ ସେଠାରୁ ଲୋକମାନେ ପରିବା ନେବାକୁ ବାଧ୍ୟ ହେଉଛନ୍ତି। (ଫଟୋ: ଶରତ ରାଉତ)

# ଶିଶୁ ଶ୍ରମିକ, ଅବାଧ ଚାଲାଣ ରୋକାଯିବା ଜରୁରୀ

ଜଗତ୍‌ସିଂହପୁର, ୨୦।୬ (ପ୍ରମୋଦ କୁମାର ନାୟକ)

ଶିଶୁ ଶ୍ରମିକ ପ୍ରଥା ଓ ସେମାନଙ୍କ ଅବାଧ ଚାଲାଣ ଏବେବି ଜାରି ରହିଛି, ଯାହା ସାମାଜିକ ବ୍ୟାଧି ରୂପେ ସକ୍ରିୟ ଅଛି। ଏହା ଉପରେ ଅଙ୍କୁଶ ଲାଗିବା ଜରୁରୀ। ସମାଜର ପ୍ରତ୍ୟେକ ବ୍ୟକ୍ତି ଏଥିପ୍ରତି ସଜାଗ ରହିବା ସହ ବିଶେଷକରି ଶ୍ରମ ବିଭାଗ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଉଚିତ। ଶିଶୁ ପାଇଁ ଦିନଟିଏ ତ୍ରୟମାସିକ ବୈଠକରେ ପୌରୋହିତ୍ୟ କରି ଜିଲାପାଳ ଜେ. ସୋନାଲ ଏହା କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ପୋଷ୍ୟ ସନ୍ତାନ ଗ୍ରହଣ, ଶିଶୁ ସୁରକ୍ଷା ନିମନ୍ତେ ତୃଣମୂଳସ୍ତରରେ ବିଭିନ୍ନ ଅନୁଦାନ ଓ ଏହାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ।

ଏହି ଅବସରରେ ସେ କହିଥିଲେ, ବିଦ୍ୟାଳୟ ପରିସରରୁ ୧୦୦ ଗଜ ପରିସୀମା ମଧ୍ୟରେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ବିକ୍ରି ହେବା ଉଚିତ ନୁହେଁ। ଯଦି ହେଉଥାଏ, ତେବେ ଜିଲା ଶିକ୍ଷା ଅଧିକାରୀ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ସେହିପରି ସମସ୍ତ ଔଷଧ ଦୋକାନରେ ସିସିଟିଭି ଲଗାଯାଉ। ବିଭିନ୍ନ ପୋଷ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉ। କୌଣସି ଦୋକାନରେ ଶିଶୁ ଶ୍ରମିକ ନିୟୋଜିତ ନ ହେବା ପାଇଁ ବଜାର କମିଟିଗୁଡ଼ିକ ଦାୟିତ୍ୱବାନ୍ ହୁଅନ୍ତୁ।


ବୈଠକରେ ଜିଲାପାଳ ଜେ.ସୋନାଲ ଓ ପ୍ରଶାସନିକ ଅଧିକାରୀମାନେ।

## ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ ତ୍ରୟମାସିକ ବୈଠକ

ପଞ୍ଚାୟତସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯାଇ ସମାଜକୁ ଶିଶୁ ଶ୍ରମିକ ଓ ଅବାଧ ଚାଲାଣ ମୁକ୍ତ କରାଯିବା ଜରୁରୀ। ଜିଲାର ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଯଶୋଦା ଯୋଜନାର ସୁବିଧା ଓ ସୁଯୋଗ ଶିଶୁମାନଙ୍କୁ ଯେପରି ଠିକ୍ ଭାବେ ମିଳିପାରିବ ସେ ଦିଗରେ ବିଭାଗ ଦାୟିତ୍ୱବାନ ହେଉ। ଜିଲାର୍ ୫୯୯ଟି ଗାଁ ବାଲ୍ୟ ବିବାହମୁକ୍ତ ଅଛି। ଏହା କିପରି ଅଧିକ ସଫଳ ହେବ ସେ ଦିଗରେ କାର୍ଯ୍ୟ କରାଯାଉ। ଶିଶୁମାନଙ୍କୁ ଶିକ୍ଷାର ସମସ୍ତ ବ୍ୟବସ୍ଥା ସହ ମନୋରଞ୍ଜନ, ଧନ୍ଦାମୂଳକ ତାଲିମ ଦିଆଯାଉ। ଶୈକ୍ଷିକ ବାତାବରଣ ପାଇଁ କର୍ମଶାଳା ଆୟୋଜନ ନିମନ୍ତେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ ଅଧିକାରୀ ଦାୟିତ୍ୱବାନ ହୁଅନ୍ତୁ। ସିଡିପିଓମାନେ ଗ୍ରାମପଞ୍ଚାୟତସ୍ତରରେ ଏହାର ସମୀକ୍ଷା ବୈଠକ କରି ପ୍ରତ୍ୟକ୍ଷ ଭାବେ ସମସ୍ତ ସମସ୍ୟାକୁ ବୁଝି ସମାଧାନ କରନ୍ତୁ।

ଏଥିସହ ବିଦ୍ୟାଳୟରୁ ଡ୍ରପ୍‌ଆଉଟ ଚିହ୍ନଟ, ଉଚ୍ଚ ଶିକ୍ଷା ପାଇଁ ଗ୍ରୀନ୍ ପ୍ୟାସେଜ ଆଦି ଆପ୍‌ର ବିଭିନ୍ନ ଦିଗ ଉପରେ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଶିଶୁଟିଏ ଯେପରି ତା'ର ମୌଳିକ ଅଧିକାର ଓ ସୁବିଧାରୁ ବଞ୍ଚିତ ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କହିଥିଲେ, ଶିଶୁଶ୍ରମିକମୁକ୍ତ ଜଗତ୍‌ସିଂହପୁର ଆମ ସଂକଳ୍ପ। ୨୦୨୪-୨୫ ବର୍ଷ ୧୫୨ଟି ଶିଶୁ ଶ୍ରମିକ ବିରୋଧ ଉପରେ ଯାଞ୍ଚ କରାଯାଇଛି। ୩ ଜଣଙ୍କୁ ଉଦ୍ଧାର ଓ ୨ ଜଣଙ୍କ ବିରୋଧରେ ମକଦ୍ଦମା ଦାଏର କରାଯାଇଛି ବୋଲି ସାହୁ ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା, କିଶୋର ନ୍ୟାୟ ପରିଷଦର କର୍ମକର୍ତ୍ତା, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶ୍ରମ ବିଭାଗର ଅଧିକାରୀ, ସମସ୍ତ ସିଡିପିଓ, ଅବକାରୀ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଭତ୍ତା ପାଇଁ ଖରାରେ ଯାଉଛନ୍ତି ୫ କିଲୋମିଟର

ନୂଆଗାଁ, ୨୦।୬ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତର ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଆଣିବାକୁ ଯାଇ ଖରାରେ ଫେରୁଥିବା ଦେଖିବାକୁ ମିଳିଥିଲା। ସେମାନେ ଅସହାୟ ହୋଇଥିବାରୁ ସରକାର ଭତ୍ତା ପ୍ରଦାନ କରୁଛନ୍ତି। ଗାଁକୁ ପ୍ରଶାସନିକ ଅଧିକାରୀ ଆସି ଭତ୍ତା ଦେଲେ ଆମେ ସୁବିଧାରେ ପାଇ ପାରନ୍ତୁ ବୋଲି ଖଜୁରୀଡିହ ଗ୍ରାମର ହିତାଧିକାରୀ କହିଛନ୍ତି।

ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ସହାୟ ହେବାକୁ ସରକାର ଭତ୍ତା ଯୋଜନା କରି ଅର୍ଥ ଯୋଗାଇ ଦେଉଛନ୍ତି। ଜଣେ ବ୍ୟକ୍ତିକୁ ୬୦ ବର୍ଷରେ ଭତ୍ତା ପ୍ରଦାନ କରିବା ବ୍ୟବସ୍ଥା ରହିଛି। ୬୦ବର୍ଷରୁ ଅଧିକ ମାସିକ ୧ ହଜାର ଟଙ୍କା ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ୩୫ଶହ ଟଙ୍କା ଭତ୍ତା ଦିଆଯାଉଛି। ସେହିଭଳି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମଧ


ଖରାରେ ପଞ୍ଚାୟତରୁ ଭତ୍ତା ଆଣି ଘରକୁ ଫେରୁଛନ୍ତି ହିତାଧିକାରୀ ।

ଭତ୍ତା ପ୍ରଦାନ କରାଯାଉଛି। ଏହି ଭତ୍ତା ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ତେବେ ଆଦିବାସୀ ଅଧୁଷିତ କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ଗାଁ ସବୁ ବହୁ ଦୂରରେ ଅବସ୍ଥିତ। ଗାଁଗୁଡିକରୁ ଯାତାୟାତ କରିବା କୌଣସି ସୁବିଧା ନାହିଁ। ଭିନ୍ନକ୍ଷମ କିମ୍ବା ବାର୍ଦ୍ଧକ୍ୟ ଅବସ୍ଥାରେ ଅସହାୟ ହୋଇଥିବାରୁ ସହାୟ ହେବାକୁ ଭତ୍ତା ପ୍ରଦାନ କରାଯାଉଛି। କିନ୍ତୁ ଏହି ଅବସ୍ଥାରେ ଚାଲି ଚାଲି ଯାଇ ପଞ୍ଚାୟତରୁ ଭତ୍ତା ଆଣିବା କଷ୍ଟକର ହୋଇ ପଡୁଛି। ଗାଁରେ ଭତ୍ତା ଦେବାର ବ୍ୟବସ୍ଥା କରାଯାଉ ବୋଲି କାପ୍ତାପଲ୍ଲୀ ପଞ୍ଚାୟତ ଖଜୁରିଡିହ ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ସୂର୍ଯ୍ୟମଣୀ ବେହେରା, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଗଦାଧର ବେହେରା ଓ ଚଞ୍ଚଳା ବେହେରା ଖରାରେ ୫ କିଲୋମିଟର ଯାଇ ପଞ୍ଚାୟତରୁ ଭତ୍ତା ଆଣିବା ସମୟରେ ଦୁଃଖର ସହ କହିଛନ୍ତି। ଏ ବାବଦରେ ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁଙ୍କୁ ପଚାରିବାରେ ଯେଉଁମାନେ ଭତ୍ତା ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁ ନାହାନ୍ତି ସେମାନେ ବିଡିଓଙ୍କୁ ଲିଖିତ ଭାବେ ଜଣାଇଲେ ସେମାନଙ୍କ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ରବି ଫସଲ ନିମନ୍ତେ ଚାଷୀଙ୍କୁ ବିହନ ଯୋଗାଣ ନେଇ ସର୍ଭେ


ପ୍ରଶାସନିକ ଅଧିକାରୀ ଘରକୁ ଘର ବୁଲି ସର୍ଭେ କରୁଛନ୍ତି।

ଖଣ୍ଡପଡ଼ା, ୨୦।୬ (ଅଜୟ କୁମାର ମହାରଣା)

ଚଳିତବର୍ଷ ରବି ଫସଲ ନିମନ୍ତେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଣ ନେଇ ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ନୟାଗଡ଼ ଜିଲା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆରମ୍ଭ ହୋଇଥିବା ସର୍ଭେ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଖଣ୍ଡପଡ଼ା ସହର ସମେତ ଖଣ୍ଡପଡ଼ା ବ୍ଲକର ୨୨ ଟି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମକୁ ବୁଲି ଚାଷୀମାନଙ୍କ ସମ୍ପର୍କରେ ରିପୋର୍ଟ ସଂଗ୍ରହ କରୁଥିବା ଜଣାପଡିଛି। ଚାଷୀମାନଙ୍କ ସମ୍ପର୍କିତ ରିପୋର୍ଟ ସଂଗ୍ରହ ପରେ ବ୍ଲକ ଅଞ୍ଚଳର ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ରବି ଫସଲ ନିମନ୍ତେ ବିହନ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ବ୍ଲକସ୍ତରୀୟ ସର୍ଭେ କାର୍ଯ୍ୟକ୍ରମରେ ରଜନୀକାନ୍ତ ରାଉତ, ବିକ୍ରମ ପରିଡା, କବିତା ସାହୁ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ନବକିଶୋର ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା ଶିକ୍ଷକ

ଗଣିଆ, ୨୦।୬(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଅନ୍ତର୍ଗତ ଆଡ଼କଟା ପଞ୍ଚାୟତର ବନମାଳୀ ବାରିକ ଉଚ୍ଚ ବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଇତିହାସ ବିଭାଗର ଅଧ୍ୟାପକ ନବକିଶୋର ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକର ପୂର୍ବତନ ଅଧକ୍ଷ ଶେଷଦେବ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ନରସିଂହପୁର ମହାବିଦ୍ୟାଳୟର ଅବସରପାପ୍ତ ଅଧକ୍ଷ କୁଳମଣି ବାରିକ, ପଦ୍ମନାଭ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଣ, ଆଡ଼କଟା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଚନ୍ଦ୍ରଶେଖର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଶୀନାଥ ବାରିକ, ଶିକ୍ଷାବିତ ବାମନ ଚରଣ ବାରିକ ପ୍ରମୁଖ ଯୋଗଦେଇ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ଓ ବାଣିଜ୍ୟରେ ସର୍ବାଧିକ ନଂ. ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂରାଜୀ ବିଭାଗର ଅଧାପକ ଦୁର୍ଯ୍ୟୋଧନ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଇତିହାସ ବିଭାଗର ଅଧାପିକା ପ୍ରଜ୍ଞା ପରିମିତା ରଥ ପିଲାମାନଙ୍କ ସହ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ବିଦାୟୀ ଅଧାପକ ପ୍ରଧାନଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ସହକର୍ମୀ ଏବଂ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ଫୁଲତୋଡ଼ା, ଉପଢୌକନ ଓ ମାନପତ୍ର ଦେଇ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# କୁମ୍ଭାରପଡ଼ା, ଢୋଲମରାରେ ପ୍ରଥମ ଜନ ଆରୋଗ୍ୟ ସମିତି ବୈଠକ


ବୈଠକରେ ଯୋଗଦେଇଥିବା ଆରୋଗ୍ୟ ସମିତିର କର୍ମକର୍ତ୍ତାମାନେ।

ଖଣ୍ଡପଡ଼ା, ୨୦।୬(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ଓ କୁମ୍ଭାରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ପ୍ରଥମ ଜନ ଆରୋଗ୍ୟ ସମିତି ବୈଠକ ୫ନଂ. ଜିଲା ପରିଷଦ ସଭ୍ୟ ତଥା ଜନ ଆରୋଗ୍ୟ ସମିତିର ଅଧକ୍ଷ ରାମେଶ୍ୱର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ବୈଠକରେ ଫାର୍ମାସିଷ୍ଟ ଯଥାକ୍ରମେ ଗାୟତ୍ରୀ ମିଶ୍ର ଓ ସୂର୍ଯ୍ୟ ପ୍ରସାଦ ସାହୁ ୨୦୨୪ ଅଧିବେଶନ ଜନ ଆରୋଗ୍ୟ ସମିତିର ବିବରଣୀ ପାଠ କରିବା ପରେ ଏହାକୁ ଦୃଢୀକରଣ କରାଯାଇଥିଲା। ଏହି ଅବସରରେ ୨୦୨୫-୨୬ ବର୍ଷର ଆର୍ଥିକ ବଜେଟ ଉପସ୍ଥାପିତ କରାଯାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ମେଡିକାଲର ଉନ୍ନତିମୂଳକ କାର୍ଯ୍ୟ, ପୂର୍ବରୁ ଏହି ସଂସ୍ଥାର ଅର୍ଥ ଖର୍ଚ୍ଚ ହୋଇ ପାରି ନ ଥିବାରୁ ସମ୍ପୃକ୍ତ ଅର୍ଥକୁ କିପରି ସୁବିନିଯୋଗ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ରୋଗୀମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ସମସ୍ୟା, କୁମ୍ଭାରପଡ଼ାରେ ରୋଗୀମାନଙ୍କ ପାଇଁ ହୁଇଲ ଚେୟାର, ଷ୍ଟ୍ରେଚର ନ ଥିବାରୁ ଏଗୁଡିକ କ୍ରୟ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା। ଆୟୋଜିତ କାର୍ଯ୍ୟକ୍ରମରେ ଢୋଲମରା ସରପଞ୍ଚ ମୁକୁତା ପରିଡା, ସମିତି ସଭ୍ୟ ମାନସ କୁମାର ଦାଶ, କମିଟି ସଭ୍ୟ କିଶୋର କୁମାର ସାହୁ, ସୁରେଶ ଚନ୍ଦ୍ର ସାହୁ, ପଦ୍ମ ଲୋଚନ ପଣ୍ଡା, କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ରନାଥ ଦାଶ, ସାମାଜିକ କର୍ମୀ ପୀତବାସ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ସବସେଣ୍ଟରର କର୍ମଚାରୀ ଓ ସ୍ଥାନୀୟ ମେଡିକାଲ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ଆରମ୍ଭ ପୂର୍ବରୁ ଲାଗୁନି ସୂଚନାଫଳକ

ନୟାଗଡ଼, ୨୦।୬(ଲୋକନାଥ ମିଶ୍ର)

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହୁନି ସ୍ୱଚ୍ଛତା
- ଜରିମାନା ଆଦାୟ ସତ୍ତ୍ୱେ ଆସୁନି ପରିବର୍ତ୍ତନ

ଏଥିରେ ନୟାଗଡ଼ ବ୍ଲକର ବଡପଣ୍ଡୁସର, ଇଚ୍ଛିଡ଼ି, ବିରୁଡ଼ା, ବାଉଁଶିଆପଡ଼ା ଓ ଶରଣକୁଳ ପରି ୫ ପଞ୍ଚାୟତର ୪୯ଟି ଗାଁର ଚାଷୀ ଉପକୃତ ହେବେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ବ୍ୟାରେଜର ଡାହାଣ ପଟରେ ନୟାଗଡ଼ ବ୍ଲକର ୨୦୬୮ ହେକ୍ଟର, ଖଣ୍ଡପଡ଼ା ବ୍ଲକର ୯୧୨ ହେକ୍ଟର ଓ ଭାପୁର ବ୍ଲକର ୭୬୫ ହେକ୍ଟରକୁ ଏପରି ମୋଟରେ ୩୭୪୫ ହେକ୍ଟର ଜମି ପ୍ରାୟ ଦେଢ଼ ଲକ୍ଷ ଚାଷୀଙ୍କ ଜମିକୁ ଜଳସେଚିତ ହେବ। ପ୍ରକଳ୍ପ ମଧ୍ୟରେ ୨ଟି ବ୍ରିଜ ଓ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ପାର୍କ କରାଯିବ ବୋଲି ରହିଥିଲା। ତେବେ ୬୭ କୋଟି ବ୍ୟୟରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ କୁସୁମୀ ବ୍ୟାରେଜକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୨୦୨୪ ମାର୍ଚ୍ଚ ୨ରେ ଲୋକାର୍ପିତ କରିଥିଲେ। ଇତି ମଧ୍ୟରେ ଭୂତଳ ପାଇପ ଲାଇନ ବ୍ୟବସ୍ଥାରେ ଚାଷ ଜମିକୁ ଜଳସେଚନ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନି ବୋଲି ଅଭିଯୋଗ ଉଠିଛି।

# ପାଗଳା କୁକୁର କାମୁଡ଼ାରେ ୩ ଆହତ

ଗଣିଆ, ୨୦।୬(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ସ୍ଥିତ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଗ୍ରାମରେ ଗୁରୁବାର ରାତି ୯ ଟାରେ ଏକ ପାଗଳ କୁକୁର କାମୁଡ଼ାରେ ୩ଜଣ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ କାଞ୍ଚନ ବେହେରା (୪୫), ମାୟାଧର ବେହେରା (୫୬) ଓ ଅମରି ବେହେରା (୪୦)। କାଞ୍ଚନ ଶୌଚ ହେବାପାଇଁ ବାହାରକୁ ଆସିଥିବାବେଳେ ଘର ସମ୍ମୁଖରେ ଏକ କୁକୁର ଶୋଇଥିଲା। ଅଚାନକ କୁକୁରଟି କାଞ୍ଚନଙ୍କୁ କାମୁଡ଼ି ଥିଲା। କାଞ୍ଚନଙ୍କ ପାଟି ଶୁଣି ସ୍ୱାମୀ ମାୟାଧର ଏକ ବାଡ଼ି ଧରି ବାହାରକୁ ଆସିଥିଲେ। କିନ୍ତୁ ପାଗଳା କୁକୁରଟି କାଞ୍ଚନଙ୍କୁ ଛାଡି ମାୟାଧରଙ୍କୁ କାମୁଡ଼ି ଥିଲା। ମାୟାଧରଙ୍କ ମୁହଁ ଓ ଗୋଡ଼କୁ କୁକୁର କାମୁଡ଼ିଥିବାବେଳେ ସେଇ ପରିବାରର ଅମରିଙ୍କୁ ମଧ୍ୟ କୁକୁର ଆକ୍ରମଣ କରିଥିଲା। ଘଟଣାସ୍ଥଳରେ କୁକୁରଟିକୁ ଗ୍ରାମବାସୀ ଘଉଡ଼ାଇ ଥିଲେ। ଆହତ ୩ ଜଣଙ୍କୁ ଆମ୍ବୁଲାନ୍ସରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ କୁକୁର କାମୁଡ଼ା ଇଞ୍ଜେକ୍ସନ ନେବା ପରେ ୩ଜଣ ସୁସ୍ଥ ଥିବା ଡା. ମଧୁସୂଦନ ଦାସ କହିଛନ୍ତି।



କୁକୁର କାମୁଡ଼ାରେ ଆହତ ବ୍ୟକ୍ତିମାନେ ଚିକିତ୍ସିତ ହେଉଛନ୍ତି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025024, ତା.10.06.2025ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ପୁରୀ ଷ୍ଟେସନ ଯାର୍ଡ ଠାରେ ପ୍ଲାଟଫର୍ମ ନଂ. 7 ଏବଂ 8 ନିମନ୍ତେ ବାଲାଷ୍ଟ ବିହୀନ ଟ୍ରାକ୍ କାର୍ଯ୍ୟ ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1007.61 ଲକ୍ଷ, EMD : ₹ 6,53,800/-, କାର୍ଯ୍ୟ ଶେଷ ହେବା ଅବଧି: 05 (ପାଞ୍ଚ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଟ୍ଟ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-44/CI/25-26



CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି**

ନିଜ ଅଞ୍ଚଳରେ କାମ କରିବାକୁ CANDIDATE ଆବଶ୍ୟକ। QUALIFICATION 9TH, 10TH, +2, +3, ITI. SALARY UPTO – 25,000/-, AGE (18–42 YEARS).

CONTACT : 7205384715


# ଅଟକ ୩ ବନ୍ଧୁକ କାରିଗର ଜେଲ ଗଲେ

## ଜାକେଡାରେ ବନ୍ଧୁକ କାରଖାନା ଠାବ ଘଟଣା

ନୟାଗଡ଼,୨୦।୬(ଲୋକନାଥ ମିଶ୍ର)

ଗୋଡିପଡ଼ା ଫାଣ୍ଡି ଜାକେଡ଼ା ଗାଁରେ ବନ୍ଧୁକ କାରଖାନା ଠାବ ଘଟଣାରେ ପୋଲିସ ଅଟକ ରଖିଥିବା ୩ ବନ୍ଧୁକ କାରିଗରଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଶୁକ୍ରବାର ସୁଶାନ୍ତ ପ୍ରଧାନ (୪୪), ବସନ୍ତ ବାଣ୍ଡ (୩୩) ଓ ପ୍ରଶାନ୍ତ ବିଶ୍ୱାଳ (୪୫)ଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଜାକେଡା ଗାଁରେ ଦେଶୀ ବନ୍ଧୁକ ତିଆରି ହେଉଥିବା ପୋଲିସ ଖବରପାଇ ବୁଧବାର ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସମୟରେ ବନ୍ଧୁକ କାରଖାନା ଠାବ କରି ୨ଟି ଅର୍ଦ୍ଧ ନିର୍ମିତ ଦେଶୀ ବନ୍ଧୁକ ଜବତ କରିଥିଲା। ସେହିପରି ବନ୍ଧୁକ ତିଆର ଉପକରଣ ଅନୁରୂପ ଭାବେ ଜବତ କରିଥିଲା। ଏ ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିଲା। ଏ ନେଇ ପୋଲିସ ନଂ.୧୦୮/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।


**OFFICE OF THE DISTRICT JUDGE, KENDRAPARA**

ADVERTISEMENT NO. 01 OF 2025

Dated, Kendrapara the 20th day of June, 2025

Applications in the prescribed format are invited from the eligible candidates for filling up of the following vacancies in the judgeship of Kendrapara.

| Sl. No. | Name of the post | Scale of Pay as per Pay Matrix of ORSP Rules, 2017 | Category ST | SC | SEBC | UR | Total No. of posts |
|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900-Rs.63,200/- under Level-4 | 03 | 03 | 03 | 01 | 10 |
| 2 | Stenographer Grade-III | Rs.25,500-Rs.81,100/- under Level-7 | - | 01 | 01 | 02 | 04 |
| 3 | Salaried Amin | Rs.21,700-Rs.69,100/- under Level-5 | 01 | - | - | - | 01 |

Last Date of Receipt of Application : 5.00 P.M. of 20.07.2025

For details please visit the Official Website of District Court, Kendrapara https://kendrapara.dcourts.gov.in

Sd./- District Judge-Cum-Chairman,
District Recruitment Committee, Kendrapara



# ଆବଶ୍ୟକ

JC BATTERIES

ତାମିଲନାଡୁର ଏକ ISO ପ୍ରମାଣିତ ବ୍ୟାଟେରି ବିନିର୍ମାତା କମ୍ପାନୀ ପୂର୍ଣ୍ଣକାଳୀନ ଚାକିରି ପାଇଁ ଶ୍ରମିକ ଆବଶ୍ୟକ କରୁଛି ।

**ମେଶିନ ଅପରେଟର**

**ହେଲ୍‌ପର**

ଉଚ୍ଚ ଦରମା

ପ୍ରଦାନ କରାଯାଉଥିବା ଲାଭ:
- ମାଗଣା ଖାଇବା ଓ ରହିବା ସୁବିଧା
- ବୋନସ୍, ଇଏସ୍‌ଆଇ, ପିଏଫ୍, ବୀମା ସୁବିଧା ଦିଆଯିବ

ଯୋଗାଯୋଗ: ଜୟଚନ୍ଦ୍ରନ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିଃ
219/2A1, ତେଲେଙ୍ଗୁପାଲାୟାମ ରୋଡ୍, ଏଲ୍ଲାପାଲାୟାମ ପୋଷ୍ଟ, ଅନ୍ନୁର, କୋଏମ୍ବାଟୁର – 641697 । ତାମିଲନାଡୁ
ଫୋନ୍: +91 96777 75651, 95009 42402
www.jcbattery.net


# ତହସିଲଦାରଙ୍କ ବଦଳି ବାତିଲ ପାଇଁ ଦାବିପତ୍ର

ଦଶପଲ୍ଲା,୨୦।୬
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଏହାକୁ ବାତିଲ୍ କରିବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି। ଦଶପଲ୍ଲାର ସଚେତନଶୀଳ ନାଗରିକଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ତହସିଲଦାର ଭାବେ ଶତପଥୀ କାର୍ଯ୍ୟ କରିବା ଦିନଠାରୁ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ହେବା ସହ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଓ ତ୍ୱରିତ ସମାଧାନ କରିବା ଦିଗରେ ପଦକ୍ଷେପ ନେଉଥିବାରୁ ଲୋକପ୍ରିୟତା ବୃଦ୍ଧି ପାଇଛି। ତେଣୁ ତାଙ୍କ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରିବାକୁ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି।


**कार्यपालक अभियन्ता का कार्यालय, पेयजल एवं स्वच्छता प्रमण्डल संख्या-1, धनबाद**

आवश्यक सूचना

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/12/2025-26 जिसका सूचना एवं जनसम्पर्क विभाग के PR No.- 354103 (Drinking Water and Sanitation) 25-26 है को अपरिहार्य कारणों से रद्द किया जाता है।

कार्यपालक अभियन्ता,
पेयजल एवं स्वच्छता प्रमण्डल संख्या–1, धनबाद

PR 355645 Drinking Water and Sanitation(25-26).D



**OFFICE OF THE EXECUTIVE ENGINEER**
ROAD CONSTRUCTION DEPARTMENT
ROAD DIVISION, DUMKA

CORRIGENDUM

TENDER REFERENCE No.- RCD/DUMKA/975
PR 354584 Road(25-26):D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26. Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 26.08.2025 at 10.30 A.M in place of 28.07.2025 Up to 12.00 Noon. |
| 5 | Date of Publication of Tender on website | 28.07.2025 at 10.30 A.M in place of 23.06.2025 |
| 6 | Pre Bid Meeting | 04.08.2025 at 10.30 A.M in place of 01.07.2025 at 11.00 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 355582 Road (25-26)_D



**SOUTH EAST CENTRAL RAILWAY**

ରେଳପଥ ନିଯୁକ୍ତି କୋଷ
ଆର୍.ଟି.ଏସ୍. କଲୋନୀ, କେନ୍ଦ୍ରୀୟ ବିଦ୍ୟାଳୟ ନିକଟ, ବିଳାସପୁର (ଛ.ଗ.) ୪୯୫୦୦୪
କର୍ମନିଯୁକ୍ତି ବିଜ୍ଞପ୍ତି ସଂଖ୍ୟା: ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୧/୨୦୨୫-୨୬

**ସାଙ୍କେତିକ ବିଜ୍ଞପ୍ତି**

**ସାଂସ୍କୃତିକ କୋଟାରେ ନିଯୁକ୍ତି**

ଜାରି/ଆରମ୍ଭ ତାରିଖ: ୨୧।୦୬।୨୦୨୫ ବନ୍ଦ ହେବା ତାରିଖ: ୨୦।୦୭।୨୦୨୫(୨୩:୫୯)

ବର୍ଷ ୨୦୨୫-୨୬ ପାଇଁ ନିମ୍ନଲିଖିତ ଶୃଙ୍ଖଳାରେ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସାଂସ୍କୃତିକ କୋଟାରେ ବେତନ ମାଟ୍ରିକ୍ସ ସ୍ତର-୨ (୭ମ ସିପିସି)ରେ ୨ (ଦୁଇ)ଟି ଗ୍ରୁପ୍ 'ସି' ବର୍ଗର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି:-

ପଦବୀ(ଗୁଡ଼ିକ) ଏବଂ ଶୃଙ୍ଖଳାଗୁଡ଼ିକର ବିବରଣୀ:

| କ୍ର. ସଂ. | ଶୃଙ୍ଖଳା | ପଦବୀ ସଂଖ୍ୟା | ସାଂସ୍କୃତିକ ଯୋଗ୍ୟତା (ଅତ୍ୟାବଶ୍ୟକ) |
|---|---|---|---|
| ୦୧ | ଲୋକନୃତ୍ୟ/ନାଟକ (ପୁରୁଷ) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |
| ୦୨ | ଲୋକନୃତ୍ୟ/ନାଟକ (ମହିଳା) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର ତା।୨୧।୦୬।୨୦୨୫ରିଖରୁ ତା।୨୮।୦୬।୨୦୨୫ରିଖର ସଂଖ୍ୟା ଦେଖନ୍ତୁ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ୱେବ୍‌ସାଇଟ୍‌ରେ ଲଗ୍ ଅନ୍ କରନ୍ତୁ: www.secr.indianrailways.gov.in

CPR/10/72A ଅଧ୍ୟକ୍ଷ/ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର।

f South East Central Railway X @secrail



**कार्यपालक अभियंता का कार्यालय**
ग्रामीण विकास विशेष प्रमंडल, देवघर

अल्पकालीन ई-निविदा आमंत्रण सूचना

ई– निविदा सूचना संख्या – RDD/SD/DEOGHAR/11/RE1/2025-26 (3rd Call)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिला के देवघर प्रखंड में पंचायत गौरीपुर के ग्राम गम्हरिया एवं करनकोल के बीच जोरिया पर पुल निर्माण। | 22717700.00 | 454400.00 | 10000.00 | 15 माह |
| 2 | देवघर जिला के देवीपुर प्रखंड अन्तर्गत ग्राम पिपराटोला जोरिया में पुल निर्माण। | 16824400.00 | 336500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि -- 23.06.2025
3. ई–निविदा प्राप्ति की तिथि एवं समय – दिनांक 24.06.2025 से दिनांक 02.07.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, देवघर
5. ई–निविदा खोलने की तिथि एवं समय – 04.07.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, देवघर
7. ई–निविदा प्रकोष्ठ का दूरभाष सं० – 9110047844 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी। विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, देवघर

PR 355634 Rural Development (25-26)_D



**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୨, ତାରିଖ: ୨୦।୦୬।୨୦୨୫ ।

"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୩୨୪୯ | ୦୯।୦୭।୨୦୨୫ | ଉନ୍ନତ ହାଇ ଟେନ୍‌ସାଇଲ ଟାଇଟ୍ ଲକ୍ ଇତ୍ୟାଦି | ୨୧୬ ଗୋଟି | ୨୦,୦୦,୦୦୦ |
| ୨ | ଏଚ୍‌ବି ୨୪୭୫୩୧ବି | ୦୨।୦୭।୨୦୨୫ | ଅଟୋମ୍ୟାଟିକ୍ ସିଲିଂ ମାଉଣ୍ଟେଡ୍ ମଡ୍ୟୁଲାର ଅଗ୍ନି ନିର୍ବାପକ ପ୍ରତ୍ୟେକ ୫ କିଗ୍ରା କ୍ଷମତାର | ୭୫ ଗୋଟି | ୧,୫୬,୬୭୦ |
| ୩ | ୬୫୨୫୫୦୧୦ | ୧୫।୦୭।୨୦୨୫ | ଡ୍ରାଏ କ୍ଲିନିଂ ମେଶିନ (ପିଇଆର୍‌ସି)ର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ, (ପ୍ରାକ୍–ବିଡ୍ ବୈଠକ ତା୨୬।୦୬।୨୫ରିଖ ୧୨.୦୦ ଘଟିକାରେ ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର/ ଜିଆର୍‌ସି/ କୋଲକାତା–୪୩ ଠାରେ | ୦୨ ଗୋଟି | ୧,୮୫,୬୭୦ |
| ୪ | ୪୫୨୫୩୨୦୭ | ୨୧।୦୭।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ ପାଇଁ ଉପଯୁକ୍ତ ବ୍ୟାଟେରି ବକ୍ସ, ଫାଇବର ଗ୍ଲାସ୍ ଟ୍ରେ' ଇତ୍ୟାଦି ବିନା | ୬୪୪ ଗୋଟି | ୧,୯୨,୨୬୦ |
| ୫ | ୫୨୨୫୧୬୭୯ଏ | ୧୦।୦୭।୨୦୨୫ | ୫ ୱାଟ୍ ଭିଏଚ୍‌ଏଫ୍ ଡିଜିଟାଲ ୱାକି–ଟକି ସେଟ୍ ଇତ୍ୟାଦିର ଯୋଗାଣ | ୧୪୧୩ ସେଟ୍ | ୭,୨୬,୯୬୦ |
| ୬ | ୩୮୨୫୩୯୫୩ | ୨୮।୦୭।୨୦୨୫ | ବିଓଏକ୍ସଏନ୍ ୱାଗନ୍ ଇତ୍ୟାଦି ପାଇଁ ଟପ୍ ସାଇଟ୍ ବିୟରର୍ ଲାଇନର୍ | ୭୫୩୫ ଗୋଟି | ୧,୬୨,୭୧୦ |
| ୭ | ୩୮୨୫୪୦୭୮ଏ | ୦୪।୦୮।୨୦୨୫ | କଣ୍ଟେନର ଓ କଭର୍ଡ ୱାଗନଗୁଡ଼ିକ ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ ଡିଜାଇନ୍–ବି | ୪୩୨୦ ଗୋଟି | ୧,୮୦,୯୬୦ |
| ୮ | ୩୮୨୫୪୦୭୩ଏ | ୦୬।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ବଡି ସାଇଡ୍ ଷ୍ଟାଞ୍ଚିୟନ୍ ଶର୍ଟ (ଦୈର୍ଘ୍ୟ–୬୫୦ ମିମି) (ଆଉଟର୍ ହୋଲ୍ ଦୂରତା କେନ୍ଦ୍ରରୁ ୧୦୫ ମିମି) | ୮୧୭୦ ଗୋଟି | ୯,୨୫,୫୦୦ |
| ୯ | ୩୮୨୫୩୮୪୯ | ୧୯।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ | ୧୭୦୦୦ ଗୋଟି | ୧୩,୯୦,୧୬୦ |
| ୧୦ | ୩୮୨୫୫୦୦୭ | ୨୮।୦୮।୨୦୨୫ | କ୍ୟାସନବ୍ ୨୨ ଏଚ୍‌ଏସ୍ ବଗି ପାଇଁ ଲାଇନର୍ ସହିତ କାଷ୍ଟ ଷ୍ଟିଲ୍ ବୋଲଷ୍ଟର | ୭୦ ଗୋଟି | ୨,୦୪,୮୫୦ |
| ୧୧ | ୨୯୨୪୩୦୮୨ଏ | ୦୭।୦୭।୨୦୨୫ | ଆର୍ଥ ରିଟର୍ଣ୍ଣ କାର୍ବନ ବ୍ରଶ୍ | ୧୬୭୩ ଗୋଟି | ୧,୨୪,୩୭୦ |
| ୧୨ | ୧୮୨୫୫୦୦୧ | ୧୬।୦୭।୨୦୨୫ | ଆଇଜିବିଟି – ଫେଜ୍ ମଡ୍ୟୁଲ୍ ଏସ୍‌୩ପି୩୦୦୦ଏଫ୍‌ଏଲ୍ + ଡବ୍ଲ୍ୟୁ. | ୦୩ ଗୋଟି | ୧,୭୩,୦୩୦ |
| ୧୩ | ୨୯୨୫୧୩୧୩ | ୨୨।୦୭।୨୦୨୫ | ସିଏଲ୍‌ଡବ୍ଲ୍ୟୁ ବିନିର୍ଦ୍ଦିଷ୍ଟତା ନଂ. – ସିଏଲ୍‌ଡବ୍ଲ୍ୟୁ/ଏମ୍‌ଏସ୍/୩/୦୦୯ (ସଂଶୋଧନ ୩ କିମ୍ବା ସଦ୍ୟତମ) ଅନୁଯାୟୀ ଡାମ୍ପର୍ସ ସେଟ୍ | ୧୬୦ ସେଟ୍ | ୯,୭୦,୪୩୦ |
| ୧୪ | ୩୭୨୫୩୦୫୫ଏ | ୧୭।୦୭।୨୦୨୫ | ଡୋର୍ ଚେନଲେସ୍ କଟର ଲଙ୍ଗ୍ ଇତ୍ୟାଦି | ୩୪୦୯୫ ଗୋଟି | ୧,୭୦,୮୮୦ |
| ୧୫ | ୪୫୨୫୩୧୬୭ | ୨୮।୦୭।୨୦୨୫ | ଇଓକି–ଏଲ୍‌ଏଚ୍‌ବି କୋଚ୍ ଗୁଡ଼ିକ ପାଇଁ କଣ୍ଡେନ୍ସର୍ ଫ୍ୟାନ୍ ମୋଟର ଆଦି | ୬୪୧ ଗୋଟି | ୧,୦୨,୮୭୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-298)



**ଭାରତ ସରକାର**
**ପ୍ରତିରକ୍ଷା ମନ୍ତ୍ରଣାଳୟ**
ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)
ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ)
ଚାନ୍ଦିପୁର, ବାଲେଶ୍ୱର-୭୫୬୦୨୫, ଓଡ଼ିଶା | ଇମେଲ୍: admin.pxe@gov.in

ନଂ. ପିଏକ୍ସଇ/ସିସି/୧/୨୬/ଏପି/ଆର୍‌ଏଫ୍ ତାରିଖ: ୧୦ ଜୁନ୍, ୨୦୨୫

**ଜୁନିୟର ରିସର୍ଚ୍ଚ ଫେଲୋ ପଦବୀ ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ), ଚାନ୍ଦିପୁର, ବାଲେଶ୍ୱର, ଓଡ଼ିଶା ଜୁନିୟର ରିସର୍ଚ୍ଚ ଫେଲୋ ଭାବେ ପ୍ରତିରକ୍ଷା ସମ୍ବନ୍ଧୀୟ ଗବେଷଣା କରିବା ଲାଗି ଇଚ୍ଛୁକ ଯୁବ ଏବଂ ମେଧାବୀ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି । ମନୋନୟନ ୱାକ୍–ଇନ୍–ଇଣ୍ଟରଭ୍ୟୁ ମାଧ୍ୟମରେ ଅନୁଷ୍ଠିତ ସାକ୍ଷାତକାର ଭିତ୍ତିରେ କରାଯିବ । ନିମ୍ନଲିଖିତ ଯୋଗ୍ୟତାଧାରୀ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

| ଫେଲୋଶିପ୍ ବିଷୟ | ଫେଲୋଶିପ୍ ସଂଖ୍ୟା* | ଜରୁରୀ ଯୋଗ୍ୟତା | ଫେଲୋଶିପ୍ ଅବଧି | ବୟସ ସୀମା |
|---|---|---|---|---|
| ମେକାନିକାଲ ଇଞ୍ଜିନିୟରିଂ | ୦୧ | ଗେଟ୍ (GATE) ଯୋଗ୍ୟତା ସହ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ବି.ଇ./ବି.ଟେକ୍)ରେ ସ୍ନାତକ ଡିଗ୍ରୀ କିମ୍ବା ଉଭୟ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ଏମ୍.ଇ./ଏମ୍.ଟେକ୍)ରେ ସ୍ନାତକୋତ୍ତର ଡିଗ୍ରୀ | ୦୨ ବର୍ଷ (ନିୟମ ଅନୁଯାୟୀ ବର୍ଦ୍ଧିତ ଏବଂ ଏସ୍‌ଆର୍‌ଏଫ୍‌କୁ ଉନ୍ନୀତ ହୋଇପାରେ) | ୱାକ୍–ଇନ୍–ଇଣ୍ଟରଭ୍ୟୁ ତାରିଖରେ ୨୮ ବର୍ଷ |

*ଫେଲୋଶିପ୍‌ର ସଂଖ୍ୟା ବୃଦ୍ଧି କିମ୍ବା ହ୍ରାସ ହୋଇପାରେ ।

୨. ଷ୍ଟାଇପେଣ୍ଡ – ଟ.୩୭,୦୦୦.୦୦ ପ୍ରତିମାସ ଓ ତା'ସହିତ ଏଚ୍‌ଆର୍‌ଏ ଓ ନିୟମ ଅନୁଯାୟୀ ସ୍ୱାସ୍ଥ୍ୟ ସୁବିଧା ।

୩. ଆବେଦନ ପଦ୍ଧତି – ଆବେଦନ ଫର୍ମ ୱେବ୍‌ସାଇଟ୍ www.drdo.gov.in ରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଉକ୍ତ ଫର୍ମକୁ ଫର୍ମାଟ୍ ଅନୁଯାୟୀ ପୂରଣ କରିପାରିବେ ଓ ସାକ୍ଷାତକାର ତାରିଖରେ ଦାଖଲ କରିପାରିବେ । ଯୋଗଦାନ ତାରିଖରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଆବେଦନ ଫର୍ମର ଏକ ପ୍ରତିଲିପି ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ମୂଳ ଏବଂ ଫଟୋକପି ଆଣିବା ଆବଶ୍ୟକ ।

୪. ଉପରୋକ୍ତ ବିଷୟରେ ବୈଧ ଜିଏଟିଇ (GATE) ସ୍କୋର୍ ବାଧ୍ୟତାମୂଳକ ଅଟେ । ପ୍ରାର୍ଥୀମାନଙ୍କ ସଂଖ୍ୟା ଓ ଆବଶ୍ୟକତା ଅନୁସାରେ ଭୌତିକ ପଦ୍ଧତି (ୱାକ୍–ଇନ୍–ଇଣ୍ଟରଭ୍ୟୁ) ଜରିଆରେ ସାକ୍ଷାତକାର ସଞ୍ଚାଳନ କରାଯିବ । **ପ୍ରାର୍ଥୀମାନେ ଆବେଦନ ଫର୍ମରେ ସେମାନଙ୍କର ମୋବାଇଲ ନମ୍ବର ଓ ଇମେଲ ଆଇଡି ସ୍ପଷ୍ଟ ଭାବେ ଲେଖିବା ଉଚିତ ।**

୫. ଉପରୋକ୍ତ ଯୋଗ୍ୟତା ପୂରଣ କରୁଥିବା ଆଗ୍ରହୀ ପ୍ରାର୍ଥୀମାନେ ପ୍ରଦତ୍ତ ଫର୍ମାଟ୍‌ରେ ନିଜର ବାୟୋ–ଡାଟା ଏବଂ ନିମ୍ନଦର୍ଶିତ ଦସ୍ତାବିଜ (ମୂଳ) ତଥା ଏକ ସେଟ୍ ଫଟୋ କପି ସହିତ ମନୋନୟନ କମିଟି ସମକ୍ଷରେ ଉପସ୍ଥିତ ହୋଇପାରନ୍ତି ।

**ବାୟୋ-ଡାଟା ଫର୍ମାଟ୍**

ପିଏକ୍ସଇ, ଚାନ୍ଦିପୁରରେ ଜେଆର୍‌ଏଫ୍ ପାଇଁ ଆବେଦନ ଫର୍ମ

ସଦ୍ୟତମ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍ ଲଗାନ୍ତୁ

ଫେଲୋଶିପ୍‌ର ବିଷୟ ................................./ ବିଜ୍ଞାପନ ସଂ. ...........

| | | |
|---|---|---|
| ୦୧. | ପୂରା ନାମ ବଡ଼ ଅକ୍ଷରରେ | |
| ୦୨. | ପିତାଙ୍କ ନାମ | |
| | ମାତାଙ୍କ ନାମ | |
| | ସ୍ୱାମୀ/ସ୍ତ୍ରୀଙ୍କ ନାମ (ଯଦି ପ୍ରଯୁଜ୍ୟ) | |
| ୦୩. | ଲିଙ୍ଗ (ପୁରୁଷ/ମହିଳା/ତୃତୀୟଲିଙ୍ଗୀ) | |
| | ଜାତି (ସାଧାରଣ/ଏସ୍‌ସି/ଏସ୍‌ଟି/ଓବିସି) | |
| | ଜନ୍ମ ତାରିଖ (ଦିନ/ମାସ/ବର୍ଷ) | |
| | ବୟସ (ବର୍ଷ/ମାସ) | |
| ୦୪. | ପତ୍ର ବିନିମୟ ଠିକଣା, ପିନ୍ କୋଡ୍ ସହ | |
| ୦୫. | ସ୍ଥାୟୀ ଠିକଣା, ପିନ୍ କୋଡ୍ ସହ | |
| ୦୬. | ଯୋଗାଯୋଗ ବିବରଣୀ (ମୋବାଇଲ ନଂ. ଓ ବିକଳ୍ପ ମୋବାଇଲ ନଂ.) | |
| ୦୭. | ଇ–ମେଲ୍ ଆଇଡି | |
| | ବିକଳ୍ପ ଇ–ମେଲ୍ ଆଇଡି | |
| ୦୮. | ଶିକ୍ଷାଗତ ଯୋଗ୍ୟତା (ମାଟ୍ରିକ/୧୦ମ/ଏଚ୍‌ଏସ୍‌ସି ପରଠାରୁ, ସେଲ୍ଫ ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବ) | |

| ଉତ୍ତୀର୍ଣ୍ଣ ପରୀକ୍ଷା | ବିଷୟ | ବୋର୍ଡ/ ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ମାସ ଓ ବର୍ଷ | ଡିଭିଜନ / ଶ୍ରେଣୀ / ଗ୍ରେଡ୍ | ଶତକଡ଼ା/ ସିଜିପିଏ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

CBC 10301/11/0036/2526

# କମୁନି ସଂକ୍ରମଣ, ବଢୁଛି ଚିକିତ୍ସାଧୀନ ରୋଗୀ ସଂଖ୍ୟା



ବୈଠକରେ ଯୋଗଦେଇଥିବା ଅଧିକାରୀମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ଯାଜପୁର,୨୦।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଡାଇରିଆ ଓ ହଇଜା ସଂକ୍ରମଣ ସଂଖ୍ୟା ପୁଣି ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଗୁରୁବାର ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୫୪ ଜଣ ଚିକିତ୍ସାଧୀନ ଥିଲାବେଳେ ଶୁକ୍ରବାର ୨୬ ରୋଗୀଙ୍କ ବୃଦ୍ଧି ଘଟି ୧୮୦ରେ ପହଞ୍ଚିଛି। ଏଥିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ସର୍ବାଧିକ ୪୮ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯିବା ସତ୍ତ୍ୱେ ଡାଇରିଆ ଓ ହଇଜା ନିୟନ୍ତ୍ରଣ ନ ହେବା ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉଚ୍ଚସ୍ତରୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ବିଭିନ୍ନ ସମୟରେ ଜିଲା ଗସ୍ତ କରି ସମୀକ୍ଷା କରୁଥିଲେ ବି ଡାଇରିଆ ନିୟନ୍ତ୍ରଣ ହୋଇପାରୁନାହିଁ। ଏପରିକି ଜିଲାର ସମସ୍ତ ହୋଟେଲ, ଢାବା, ଫାଷ୍ଟଫୁଡ୍, ମାଛ, ମାଂସ ଇତ୍ୟାଦି ଦୋକାନ ବନ୍ଦ କରାଯାଇଛି। ତଥାପି କେଉଁ କାରଣରୁ ମହାମାରୀ ନିୟନ୍ତ୍ରଣ ହୋଇ ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଜିଲାର ସରକାରୀ ବେସରକାରୀ ନଳକୂପ, କୂପ, ଓଭରହେଡ୍ ଟ୍ୟାଙ୍କଗୁଡ଼ିକୁ ବିଶୋଧନ କରାଯାଉଛି। କ୍ଲୋରିନେଶନ ହେବା ପରେ ଯେଉଁଠାରେ ପଜିଟିଭ କେସ୍ ଦେଖିବାକୁ ମିଳୁଛି, ତାହାକୁ ଚିହ୍ନଟ କରାଯାଇ ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଶୁକ୍ରବାର ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୮,୮୫୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦,୭୨୫ ସରକାରୀ ନଳକୂପ ବିଶୁଦ୍ଧୀକରଣ କରାଯାଇଛି।

**ଯାଜପୁର ଜିଲାରେ ଡାଇରିଆ, ହଇଜା**

- ଗୋଟିଏ ଦିନରେ ୨୬ ରୋଗୀ ବୃଦ୍ଧି
- ଧର୍ମଶାଳାରେ ସର୍ବାଧିକ ୪୮ ଜଣ ଚିକିତ୍ସାଧୀନ

ସେହିପରି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୭,୦୪୩ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୮୧ ବେସରକାରୀ ନଳକୂପ ସଂକ୍ରମଣମୁକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୯ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୪୯ ଓଭର ହେଡ୍ ଟାଙ୍କି ବିଶୁଦ୍ଧୀକରଣ କରାଯାଇଛି। ଅନ୍ୟାନ୍ୟ ଜଳଉତ୍ସ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୫୫୯ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୫୯ ଜଳଉତ୍ସକୁ ବିଶୁଦ୍ଧୀକରଣ କରାଯାଇଛି। ଶୁକ୍ରବାର ସୁଦ୍ଧା ସମୁଦାୟ ୫୫ ଟ୍ୟାଙ୍କର ନିୟୋଜିତ ହୋଇଛି। ଶୁକ୍ରବାର ସମୀକ୍ଷା ବୈଠକରେ ଜିଲାପାଳ ସୁସ୍ଥ ହୋଇ ଘରକୁ ଫେରୁଥିବା ବ୍ୟକ୍ତିଙ୍କୁ ଜିଲା ନିୟନ୍ତ୍ରଣ କକ୍ଷରୁ ଫୋନ୍ ଯୋଗେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ସେମାନେ ପ୍ରୋଟୋକଲ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀଙ୍କ ପରିଚାରକ ସମସ୍ତଙ୍କୁ ଡକ୍ସିସାଇକ୍ଲିନ୍ ଡୋଜ୍ ଦିଆଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରମାନେ ରୋଗୀଙ୍କୁ ପ୍ରୋଟୋକଲ ଅନୁଯାୟୀ ଡିସଚାର୍ଜ କରିବେ। ଲୋକମାନଙ୍କୁ ସରକାରୀ ନଳକୂପ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଶନିବାରଠାରୁ ବିଦ୍ୟାଳୟଗୁଡ଼ିକର ଜଳଉତ୍ସକୁ ବିଶୁଦ୍ଧ କରାଯିବ। ପ୍ରତ୍ୟେକ ଘରେ ସାବୁନ ବଣ୍ଟନ ଚାଲୁ ରହିଛି। କୌଣସି ପରିସ୍ଥିତିରେ ନଦୀ ଜଳ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି।

ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗୁରୁବାର ପୂର୍ବାହ୍ନ ୧୧ଟାରୁ ଶୁକ୍ରବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ୧୪୮ ନୂତନ ରୋଗୀ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ୭ ଜଣ ଗୁରୁତର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ୧୦୦ ରୋଗୀଙ୍କୁ ଡିସ୍‌ଚାର୍ଜ କରାଯାଇଥିବାବେଳେ ୧୮୦ ଜଣ ଜିଲାର ୧୩ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେଥିରୁ ବଡ଼ଚଣା ସିଏଚ୍‌ସିରେ ୧୮, ବରୀ ସିଏଚ୍‌ସିରେ ଜଣେ, ବିଞ୍ଝାରପୁର ସିଏଚ୍‌ସିରେ ୮, ଧର୍ମଶାଳା ସିଏଚ୍‌ସିରେ ୪୮, ଦାନଗଦି ସିଏଚ୍‌ସିରେ ୧୬, କୋରେଇ ସିଏଚ୍‌ସିରେ ୧୭, ଯାଜପୁର ରୋଡ୍ ସିଏଚ୍‌ସିରେ ୧୦, ରସୁଲପୁର ସିଏଚ୍‌ସିରେ ଜଣେ, ମଙ୍ଗଳପୁର ସିଏଚ୍‌ସିରେ ୭, ସୁକିନ୍ଦା ସିଏଚ୍‌ସିରେ ୧୬ ଏବଂ ଜିଲା ସଦର ଡାକ୍ତରଖାନାରେ ୩୮ ଜଣ ଚିକିତ୍ସାଧୀନ ରହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରମୋଦିନି



@ ଫିନ୍ଟୁ



@ ସସ୍ମିତା



@ ନିହାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାଦିବସ ପାଳିଲା ଭତ୍ତା ସଂଘର୍ଷ ସମିତି




ବ୍ୟାସନଗର ତହସିଲ ଅଫିସ ପ୍ରାଙ୍ଗଣରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଯାଜପୁର ଜିଲା ଭତ୍ତା ସଂଘର୍ଷ ସମିତି ପକ୍ଷରୁ କଳାଦିବସ ପାଳନ କରାଯାଉଛି।

ଯାଜପୁରରୋଡ୍,୨୦।୬(ପବିତ୍ର ରଞ୍ଜନ ମହାନ୍ତି)

ଭାଜପା ସରକାର ଗୋପବନ୍ଧୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରିବାକୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ପଛଘୁଞ୍ଚା ଦେଉଛନ୍ତି। ଏହାକୁ ନେଇ ସାରା ରାଜ୍ୟରେ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ରାଜ୍ୟ ଭାଜପା ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାକୁ ଆସିଥିବାବେଳେ ତାଙ୍କୁ ବିରୋଧ କରାଯିବା ସହ କଳା ଦିବସ ପାଳନ କରାଯାଇଛି। ବିଭିନ୍ନ ଜିଲାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଭତ୍ତା ହିତାଧିକାରୀ ପ୍ରତିବାଦ କରିବା ସହ କଳାଦିବସ ପାଳନ କରିଛନ୍ତି। ବ୍ୟାସନଗର ତହସିଲ ଅଫିସ ପ୍ରାଙ୍ଗଣରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଯାଜପୁର ଜିଲା ଭତ୍ତା ସଂଘର୍ଷ ସମିତି ପକ୍ଷରୁ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବା ସହ କଳା ଦିବସ ପାଳନ କରାଯାଇଛି। ଏଥିରେ ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ନାୟକ, କଳିଙ୍ଗନଗର ବାର ଆସୋସିଏଶନ ଉପଦେଷ୍ଟା ବ୍ରଜକିଶୋର ପତି, ନିରଞ୍ଜନ ପରିଡ଼ା, ପଦ୍ମନାଭ ନାୟକ, ବିଦ୍ୟାଧର ଜେନ ଓ ବାବାଜୀ ଦାସ ପ୍ରମୁଖଙ୍କ ସହ ବହୁ ମହିଳା ପୁରୁଷ ହିତାଧିକାରୀ ସାମିଲ ହୋଇଥିଲେ। ସରକାର ଯେପର୍ଯ୍ୟନ୍ତ ସଂକଳ୍ପ ପତ୍ର ଘୋଷଣା ଅନୁସାରେ ସମସ୍ତ ହିତାଧିକାରୀଙ୍କୁ ୩ ହଜାର ଟଙ୍କା ମାସିକ ଭତ୍ତା ପ୍ରଦାନ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ କରାଯିବ ବୋଲି ସମିତି ରାଜ୍ୟ ସଭାପତି ମହାନ୍ତି ପ୍ରକାଶ କରିଛନ୍ତି। ଶେଷରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବାଇକ୍ ଧକ୍କାରେ ୫ ଆହତ

ବ୍ରହ୍ମବରଦା,୨୦।୬ (ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ଅନ୍ତର୍ଗତ ସାନପୋଖରୀ ନିକଟରେ ଗୁରୁବାର ରାତିରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୨ଜଣ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ବ୍ରହ୍ମବରଦା ମିଶନଶକ୍ତି ଗୃହ ନିକଟରେ ଏହି ଦୁର୍ଘଟଣା ଘଟିଛି। ବ୍ରହ୍ମବରଦା ପଟୁ ବାଲିଚନ୍ଦ୍ରପୁର ଅଭିମୁଖେ ଯାଉଥିବା ବାଇକ୍ ଆରୋହୀଙ୍କୁ ବିପରୀତ ଦିଗରୁ ଆସୁଥିବା ଅନ୍ୟ ବାଇକ୍ ଆରୋହୀ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ୫ଜଣ ଗୁରୁତର ହୋଇଥିଲେ। ନିକଟ ଗ୍ରାମବାସୀ ଓ ବ୍ରହ୍ମବରଦା ପୋଲିସ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଅନ୍ୟପକ୍ଷରେ ବ୍ରହ୍ମବରଦା ମାଛ ମାର୍କେଟଠାରୁ ନାଳକୂଳ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତାରେ ସବୁବେଳେ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାରେ ତୁରନ୍ତ ହମ୍ପସ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବ୍ରହ୍ମବରଦାରେ ବିକାଶ ରଥକୁ ସ୍ୱାଗତ




ବିକାଶ ରଥ ପରିକ୍ରମା ଅବସରରେ ମୋ ସ୍ୱପ୍ନର ବିକଶିତ ଓଡ଼ିଶା କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମବରଦା,୨୦।୬(ଯଯାତି କେଶରୀ ବେହେରା)

ଓଡ଼ିଶାରେ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଏହି ରଥ ପ୍ରତି ପଞ୍ଚାୟତକୁ ଯାଇ ସରକାରଙ୍କ ସଫଳତା ଓ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଉଛି। ଶୁକ୍ରବାର ରଥ ବ୍ରହ୍ମବରଦା ପଞ୍ଚାୟତ ଅଫିସଠାରେ ପହଞ୍ଚିଥିଲା। ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓଙ୍କ ନେତୃତ୍ୱରେ ଶତାଧିକ ମହିଳା ରଥକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମବରଦା ହାଜିର ହିମିଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ଆଲୋକ ବିଶ୍ୱାଳ, ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ଆଇଚ ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତଚରଣ ମଲ୍ଲିକଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ମୁଖ୍ୟଅତିଥିଭାବେ ବନ୍ଧଡ଼ିହ କ୍ଲଷ୍ଟରର ସିଆରସିସି ବିଜୟ କୁମାର ସାହୁ ଯୋଗ ଦେଇଥିଲେ। ମୋ ସ୍ୱପ୍ନର ବିକଶିତ ଓଡ଼ିଶା କୁଇଜ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସରପଞ୍ଚ ଓ ସିଆରସିସିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସରପଞ୍ଚ ଦେଓଙ୍କ ଦ୍ୱାରା ନୂତନ ରାଶନ କାର୍ଡ ଓ ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତାରାଶି ବଣ୍ଟନ କରାଯାଇଥିଲା। ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା କାର୍ଯ୍ୟାଳୟ ପରିସରରେ ଝୋଟି ଓ ଚିତା ଅଙ୍କାଯାଇଥିଲା। ପଞ୍ଚାୟତର ଲକ୍ଷପତି ଦିଦିଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏମ୍‌ବିକେ ଅହଲ୍ୟା ମଣ୍ଡଳ, ସିଆରପି ପାର୍ବତୀ ବେହେରା, ମମତା ସାହୁ, ମନୋରମା ପାଢ଼ୀ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ବଳ, ଆମ ସେବା କେନ୍ଦ୍ରର ଅଧିକାରୀ ଯଯାତି ବେହେରା ଏବଂ ସାମାଜିକ କର୍ମୀ ଦୀପକ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ବିକାଶ ରଥ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଲାକଙ୍କୁ ଅବଗତ କରାଇଥିଲା।

## ୨ ବ୍ୟାଗରୁ ଗଞ୍ଜେଇ ଜବତ

ଧର୍ମଶାଳା/କାଏମା,୨୦।୬
(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା କୁମାରୀ କଲୋନୀରୁ ଦୁଇଟି ବ୍ୟାଗରୁ ଗଞ୍ଜେଇ ଜବତ ହୋଇଛି, ଏହାର ମୂଲ୍ୟ ପାଖା ପାଖି ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। କୁମାରୀ କଲୋନୀ ମଧ୍ୟରେ ଏକ ଘର ସମ୍ମୁଖରେ ଗୁରୁବାର ଦୁଇ ବ୍ୟାଗ ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ବ୍ୟାଗ୍‌ରେ କ'ଣ ଅଛି ଏବଂ କିଏ ରଖିଛନ୍ତି ଜାଣିବା ପାଇଁ ପାଖ ଦୁଇ ମହଲା କୋଠା ଉପରେ ଛକି ରହିଥିଲା। ଫଳରେ ଗଞ୍ଜେଇ ଆଣି ଥିବା ବ୍ୟକ୍ତି ଆଉ ବ୍ୟାଗ ପାଖକୁ ଆସି ନ ଥିଲେ। ପୋଲିସ ମଧ୍ୟ ରାତ୍ରିତରେ ବ୍ୟାଗ୍ ୨ଟିକୁ ଜବତ କରିଥିଲା। ବଡ଼ ବ୍ୟାଗ୍‌ରେ ୭ କିଲୋ ଓ ଛୋଟ ବ୍ୟାଗରେ ୨କିଲୋ ଗଞ୍ଜେଇ ଥିଲା। ଏନେଇ ପୋଲିସ ନଂ.୩୭୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ବ୍ୟାଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷରେ କେହି ଜଣେ ମହିଳା ଏହି ବ୍ୟାଗ ରଖିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।



# ଆବର୍ଜନାରେ ଭର୍ତ୍ତି ସିଂହପୁର ବଜାର



ସିଂହପୁର ବଜାରରେ ଗଦା ହୋଇଥିବା ଅଳିଆ ଆବର୍ଜନା।

ସିଂହପୁର,୨୦।୬(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ସିଂହପୁର ବଜାର ଉକ୍ତ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟୀ କେନ୍ଦ୍ର। ବିଞ୍ଝାରପୁର, ଦଶରଥପୁର ଓ କେନ୍ଦ୍ରାପଡ଼ା ଜିଲାର ଆଳି ଏବଂ ରାଜକନିକା ବ୍ଲକର ପ୍ରାୟ ୧୦୦ଟି ଗ୍ରାମର ଲୋକେ ଏହି ବଜାରକୁ ପ୍ରତିଦିନ ଆସିଥାନ୍ତି। ଏଠାରେ ସପ୍ତାହରେ ଦୁଇ ଥର ସାପ୍ତାହିକ ହାଟ ବସେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାବିକା ପାଇଁ ଲୋକମାନଙ୍କ ଭିଡ଼ ଜମେ। ମାତ୍ର ବଜାରର ମୁଖ୍ୟ ପ୍ରବେଶ ପଥ ବସ ରହଣି ସ୍ଥାନରେ କୁଢ଼ କୁଢ଼ ଅଳିଆ, ଆବର୍ଜନା ଗଦା ହୋଇଛି। ଏଗୁଡ଼ିକ ପଚି ଦୁର୍ଗନ୍ଧ ହେଉଛି। କେବଳ ଏହି ସ୍ଥାନରେ ନୁହେଁ, ବଜାରର ଅଧିକାଂଶ ସ୍ଥାନରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାପ୍ତାହିକ ହାଟ ଅବସ୍ଥା ମଧ୍ୟ ଦୟନୀୟ ହୋଇପଡ଼ିଛି। ଏବେ ଯାଜପୁର ଜିଲାରେ ଝାଡ଼ାବାନ୍ତି ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ସିଂହପୁର ବଜାର ଅବସ୍ଥା ଶୋଚନୀୟ ଥିବାରୁ ସଂକ୍ରମଣ ଅଧିକ ହେବା ସମ୍ଭାବନା ରହିଛି। ଏଦିଗରେ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ଦଧିନଉତିରେ ଫାଟ


ଆଳିର ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ପରିସରରେ ପ୍ରକଳ୍ପ ପଥର ବିଛା କାମ ଅଧାପନ୍ତରିଆ।


୪ମାସ ହେଲା ମନ୍ଦିରର ବାନା ଚିରିଯାଇଛି।


ମନ୍ଦିର ନିକଟରେ ଥିବା ବରାହ କୁଣ୍ଡ ଆବର୍ଜନାରେ ଭର୍ତ୍ତି ହୋଇଛି।

■ ୪ ମାସ ହେବ ବଦଳିନି ମନ୍ଦିର ବାନା
■ ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ମୌଳିକ ସୁବିଧା
■ ଅଧାପନ୍ତରିଆ ଅବସ୍ଥାରେ ପ୍ରକଳ୍ପ କାର୍ଯ୍ୟ ଛାଡ଼ି ଠିକାଦାର ଛୁ

ଆଳି,୨୦।୬(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ସମାଧାନ ଦିଗରେ ମନ୍ଦିର ଟ୍ରଷ୍ଟ ନା ପ୍ରଶାସନିକ କଳ କେହି ଚେଷ୍ଟା କରୁନାହାନ୍ତି। ମନ୍ଦିରକୁ ଅଣଦେଖା କରାଯାଉଥିବାବେଳେ ଉନ୍ନତି ହେଉ ନ ଥିବାରୁ ଶ୍ରଦ୍ଧାଳୁମାନଙ୍କୁ ସୁବିଧା ମିଳୁନି। ମନ୍ଦିର ଦଧିନଉତିରେ ଫାଟ ସୃଷ୍ଟି ହୋଇଥିବାବେଳେ ୪ ମାସ ହେବ ବାନା ବଦଳା ଯାଇନାହିଁ। ମନ୍ଦିରର ଉପର ଭାଗରେ ବର, ଓସ୍ତ ଗଛ ଉଠି ବିପଦ ସୃଷ୍ଟି କରିଛି। ଏପରି କି ପୂର୍ବ ସରକାର ସମୟରେ ୮ କୋଟି ଟଙ୍କା ଅନୁଦାନ ଆସିଥିବାବେଳେ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଠିକାଦାର କାମ ଛାଡ଼ି ପଳାଇଛନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ କିମ୍ବା ପ୍ରଶାସନ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ନେଇ ସେବାୟତମାନେ ଅଭିଯୋଗ ଉଠାଇଛନ୍ତି।

ସେବାୟତମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟରେ ଆଳିର ଆରାଧ୍ୟ ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଲକ୍ଷ୍ମୀବରାହ ମନ୍ଦିରକୁ ଦର୍ଶନ ନିମନ୍ତେ ଆସିଥାନ୍ତି। ପୂଜା ପାର୍ବଣରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନାହିଁ। ମନ୍ଦିର ନିକଟରେ ଥିବା ବରାହ କୁଣ୍ଡରେ ଦଳ ହୋଇଥିବାରୁ ସେଠାରେ ଗୋଡ଼ ବୁଡାଇବାକୁ ଶ୍ରଦ୍ଧାଳୁ ଅମଙ୍ଗ ହେଉଛନ୍ତି। ମହିଳାପୁରୁଷଙ୍କ ନିମନ୍ତେ ମନ୍ଦିର ନିକଟରେ ଶୌଚାଳୟର ବ୍ୟବସ୍ଥା ମଧ୍ୟ ନାହିଁ। ଏପରି କି ସନ୍ଧ୍ୟା ସମୟରେ ମନ୍ଦିର ସମ୍ମୁଖକୁ ଆଲୋକିତ କରୁଥିବା ହାଇମାଷ୍ଟ ଲାଇଟ ଅଚଳ ହୋଇପଡ଼ିଥିବାବେଳେ ତାହା ମଧ୍ୟ ମରାମତି କରାଯାଉନି। ଫଳରେ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଅନ୍ଧାରରେ ଯାତାୟାତ କରୁଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ମନ୍ଦିର ସମ୍ମୁଖରେ ବର୍ଷା ପାଣି ଜମି ରହୁଛି। ଶ୍ରଦ୍ଧାଳୁମାନେ ଆଣ୍ଠୁଏ ପାଣିରେ ପଶି ମନ୍ଦିରକୁ ଆସୁଛନ୍ତି। ମନ୍ଦିରରେ ଏସବୁ ସମସ୍ୟା ଲାଗି ରହୁଥିବାବେଳେ ଏହାର ସମାଧାନ ନିମନ୍ତେ ବ୍ୟବସ୍ଥା ହେଉ ନ ଥିବାରୁ ମନ୍ଦିରକୁ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ମନ୍ଦିର ଉପରେ ଥିବା ନୀଳଚକ୍ର ଭାଙ୍ଗି ଯାଇଥିବାବେଳେ ଦଧିନଉତି ଉପରେ ବର, ଓସ୍ତ ଆଦି ଗଛ ଉଠିଥିବାରୁ ମନ୍ଦିର ଫାଟି ପାଣି ଗଳୁଛି। ଏପରି କି ନୀଳଚକ୍ରର ନିମ୍ନ ଭାଗରେ ମହୁଫେଣା ହୋଇଥିବାରୁ ୪ ମାସ ହେବ ବାନା ବଦଳା ଯାଇନାହିଁ। ଫଳରେ ମନ୍ଦିର ଉପରେ ଚିରା ବାନାଟି ଉଡୁଛି। ମନ୍ଦିରରେ ଦୀପ ଲଗାଇବାକୁ ଷ୍ଟାଣ୍ଡ ନ ଥିବାରୁ ଶ୍ରଦ୍ଧାଳୁମାନେ ଏଣେ ତେଣେ ଦୀପ ଲଗାଉଛନ୍ତି। ଫଳରେ ଗତ ସାବିତ୍ରୀ ବ୍ରତରେ ଜଣେ ମହିଳା ଦୀପ ଲଗାଉଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଏବେ ସେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଭୋଗ ପ୍ରସ୍ତୁତ ନିମନ୍ତେ ସ୍ୱତନ୍ତ୍ର ଘର ନ ଥିବାରୁ ସେବକମାନେ ରୋଷ ଘରେ ଭୋଗ ପ୍ରସ୍ତୁତ କରୁଛନ୍ତି। ରୋଷ ଘରେ ଲାଇଟ ଓ ଏକ୍ଜିଟ୍ ଫ୍ୟାନ ନ ଥିବାରୁ ପ୍ରସାଦ ପ୍ରସ୍ତୁତିରେ ସମସ୍ୟା ଉପୁଜୁଛି। ଏପରି କି ପୂର୍ବ ସରକାର ସମୟରେ ଏହି ମନ୍ଦିର ଉନ୍ନତି ନିମନ୍ତେ ଅନୁଦାନ ଆସିଥିଲା। ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ ଆରମ୍ଭ ହୋଇଥିଲା, ମାତ୍ର ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ଏହି କାର୍ଯ୍ୟ ହେଉଥିଲା। କାର୍ଯ୍ୟର ସୂଚନାଫଳକ ନ ଥିବାରୁ କ'ଣ କାମ ହେବ, କେତେ ଟଙ୍କାର କାମ ଓ କେବେ କାମ ସରିବ ସେ ନେଇ ମଧ୍ୟ କେହି ଜାଣି ପାରୁନାହାନ୍ତି। ଠିକାସଂସ୍ଥା ମନ୍ଦିର ପରିସରରେ ପଥର ବିଛା କାମ ଅଧାରେ ବନ୍ଦ କରି ଦେଇଛନ୍ତି। ମନ୍ଦିର ପଛ ପଟରେ ମନମୁଖି ଭାବେ କିଛି କାର୍ଯ୍ୟ କରି ଚାଲିଯାଇଛନ୍ତି। ମନ୍ଦିର ପରିସରରେ ଅଧା ପଥର ବିଛା ହୋଇଥିବାରୁ ଶ୍ରଦ୍ଧାଳୁ ଅନେକ ସମୟରେ ଝୁଣ୍ଟି ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ମନ୍ଦିର ପରିସରରେ ଗୋରୁ ଅବାଧରେ ପ୍ରବେଶ କରି ମଳ ତ୍ୟାଗ କରି ଅପରିଷ୍କାର କରୁଛନ୍ତି। ଏ ନେଇ ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ଆଳି ରାଜା ବ୍ରଜକେଶରୀ ଦେବଙ୍କୁ ପଚାରିବାରୁ ମନ୍ଦିର ମଧ୍ୟରେ ଥିବା ସମସ୍ୟା ସମ୍ପର୍କରେ ସେବାୟତମାନଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଟ୍ରଷ୍ଟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ରଥଯାତ୍ରା ମଧ୍ୟରେ ମନ୍ଦିର ସମସ୍ୟା ସମାଧାନ ଲାଗି ଆଲୋଚନା ହୋଇଥିଲା। ମନ୍ଦିରର ଉପରି ଭାଗରେ ଉଠିଥିବା ଗଛକୁ ପଥର କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର କାରିଗରଙ୍କ ମାଧ୍ୟମରେ କଟାଯିବ। ସେହିପରି ମନ୍ଦିରରେ ସୃଷ୍ଟି ହୋଇଥିବା ଫାଟ ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ଏଏସ୍ଆଇକୁ ଲିଖିତ ଭାବେ ଜଣାଯାଇଛି। ବର୍ଷାଦିନ ପରେ ସେହି କାର୍ଯ୍ୟ କରାଯିବ ବୋଲି ଶ୍ରୀଦେବ ସୂଚନା ଦେଇଛନ୍ତି। ମନ୍ଦିର ବାହାରେ ଶ୍ରଦ୍ଧାଳୁମାନଙ୍କ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ସ୍ଥାନୀୟ ପ୍ରଶାସନର କାର୍ଯ୍ୟ। ସେମାନେ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ। ମନ୍ଦିରର ଅଧାପନ୍ତରିଆ କାମ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀ କହିପାରିବେ ବୋଲି ସେ କହିଛନ୍ତି। ମନ୍ଦିର ଟ୍ରଷ୍ଟ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ନ ଥିବାରୁ ପ୍ରାଚୀନ ମନ୍ଦିର ସମସ୍ୟା ମଧ୍ୟକୁ ଠେଲି ହୋଇଯାଉଛି। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେବାୟତ ଓ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରମୋଦିନୀ


@ ଫୁନୁ


@ ସସ୍ମିତା


@ ନିହାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋଲରାହାଟ ପାକ୍ସ ପରିଚାଳନା ପରିଷଦ ବୈଠକ

ଡେରାବିଶ, ୨୦।୬ (ବେବର୍ତ୍ତା ଅଜୟ ଦାସ)

ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ପରିଚାଳନା ପରିଷଦର ବୈଠକ ଶୁକ୍ରବାର ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ପରିଷଦ ସଭାପତି ଖୁର୍ସିଦ୍ ଆଲମ୍ ଖାଁ ଅଧ୍ୟକ୍ଷତା କରି ଉପସ୍ଥିତ ସଦସ୍ୟାସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ, ସମିତି ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି ପୂର୍ବ ବୈଠକର ବିବରଣୀ ପାଠ କରି ଏହାର ଦୃଢୀକରଣ କରିବା ପରେ ସମିତି ଭିତ୍ତିଭୂମିର ଉନ୍ନତିକରଣ ସମେତ, ସମିତି ମାଧ୍ୟମରେ ଏହା ଅଧୀନ ଚାଷୀମାନଙ୍କୁ ସରକାରୀ ମୂଲ୍ୟରେ ବିହନ ଓ ସାର ପ୍ରଭୃତି ବିକ୍ରୟର ବିବରଣୀ ପ୍ରଦାନ କରିଥିଲେ। ଏଥିସହ ନୂତନ ସଭ୍ୟ ସଂଗ୍ରହ ଓ ଚାଷୀମାନଙ୍କ ଉନ୍ନତି ପାଇଁ ସମବାୟ କ୍ଷେତ୍ରରେ ରହିଥିବା ବିଭିନ୍ନ ଋଣ ଲଗାଣ ସମ୍ପର୍କରେ ଆଲୋଚନାରେ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶେଷରେ ପରିଚାଳନା ପରିଷଦର ଉପସଭାନେତ୍ରୀ ପ୍ରମିଳା ସିହ ଧନ୍ୟବାଦ ଦେଇଥିଲେ। ଏହାର ପରିଚାଳନାରେ ସମିତିର ସହ ସମ୍ପାଦକ ଶୀବାନୀ ଶଙ୍କର ସାହୁ ଓ କର୍ମଚାରୀ ନରହରି ସ୍ୱାଇଁ, କୁନିଲତା ସାହୁ ଏବଂ ଧୀରେନ କୁମାର ପୃଷ୍ଟି ସହଯୋଗ କରିଥିଲେ।


ବୈଠକରେ ପାକ୍ସର କର୍ମକର୍ତ୍ତାମାନେ।

## ରକ୍ତଶିକୁଳି ସମ୍ପର୍କିତ ସଚେତନତା ପୁସ୍ତିକା ଲୋକାର୍ପିତ


ଅତିଥିମାନେ ପୁସ୍ତିକାକୁ ଲୋକାର୍ପିତ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୦।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ରକ୍ତଶିକୁଳି ସମ୍ପର୍କିତ ଦ୍ୱିଭାଷିକ ପୁସ୍ତିକା ଗୁରୁବାର ଲୋକାର୍ପିତ ହୋଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡା. ମାନସ କୁମାର ଜେନା, ଏଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷା ଭାରତୀ ସ୍ୱାଇଁ, ଶୁଭ ନାରାୟଣ ନାୟକ ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚକମାନେ ପୁସ୍ତିକା ଉନ୍ମୋଚନ ସହ ରକ୍ତଶିକୁଳିର ଗୁରୁତ୍ୱ ଓ ଏହାର ଆଶୁ ନିରାକରଣ ସମ୍ପର୍କରେ ମତ ଦେଇ କହିଥିଲେ, ସମ୍ପ୍ରତିକ ଖାଦ୍ୟ ସାରଣୀ ଓ ଚଳଣୀ ଏହି ରୋଗକୁ ବ୍ୟାପକ କରୁଛି। ଏ ପ୍ରକାର ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନକୁ ଅଧିକ ଗୁରୁତ୍ୱ ଦେବାକୁ ପଡିବ। ଜିଲା ବ୍ଲଡ ବ୍ୟାଙ୍କରେ ସର୍ବଦା ରକ୍ତର ଅଭାବ ରହୁଛି। ସୁସ୍ଥ ମଣିଷ ବର୍ଷକୁ ଅନ୍ୟୁନ୍ୟ ୨ଥର ରକ୍ତଦାନ କରିବା ଆବଶ୍ୟକ। ପ୍ରଶିକ୍ଷିକା ଅନିତା ପାତ୍ର, ପ୍ରଣତୀ ଜେନା, ଅନନ୍ତ ପାତ୍ର, ଅନୁଜା ନାୟକ, ସଙ୍ଗୀତା ବିଶ୍ୱାଳ, ସ୍ୱରସୁଧା ଦାସ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ ସମ୍ପାଦକ ବଂଶୀଧର ମହାନ୍ତି, ଶିକ୍ଷାବିତ ଯତୀନ୍ଦ୍ର ରାଉତ, ସ୍ୱପ୍ନାଂଶୁ ଦାସ, ରଚିତା ଜେନା, ଗୁଞ୍ଜନ ସ୍ମିତା ବେହେରା, ସଞ୍ଜୀବ କୁମାର ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିକାଶ ବାହନ ପାଟକୁରା ପଞ୍ଚାୟତ ପରିକ୍ରମା କଲା

ପାଟକୁରା, ୨୦।୬ (ରବୀନ୍ଦ୍ର ନାଥ ବାରିକ)

**ତହସିଲ ଆମ ପଞ୍ଚାୟତରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ଗରଦପୁର ବ୍ଲକର ପାଟକୁରା ପଞ୍ଚାୟତରେ ବିକାଶ ବାହନ ଶୁକ୍ରବାର ପରିକ୍ରମା କରିଛି। ରାଜ୍ୟ ସରକାରଙ୍କ ଏକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ବିକାଶମୂଳକ ଜନ କଲ୍ୟାଣ ଯୋଜନାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚା ଯାଉଛି। ବିକାଶ ବାହନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ସରପଞ୍ଚ ଗୀତାଞ୍ଜଳି ମହାନ୍ତି ଓ ବିଭିନ୍ନ ମହିଳା ଗୋଷ୍ଠୀର ସଭ୍ୟାମାନେ ହୁଳହୁଳି ପକାଇ, ବନ୍ଦାପନା କରି ବିକାଶ ବାହନକୁ ସ୍ୱାଗତ କରିଥିଲେ। ସେଠାରେ ବିଡିଓ ଆଲୋକ ରଞ୍ଜନ ସେଠୀ, ଗରଦପୁର ତହସିଲଦାର ତୃପ୍ତି ଦାସ, ଏବିଡିଓ ସଞ୍ଜୟ ଦାସ, ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବେଲ ମାଝୀ, ପିଏ ମୃଣୟ ରାଉତ, ଏଡିଓ ଜନ୍ମେଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବାହନକୁ ସ୍ୱାଗତ କରିଥିଲେ। ସରପଞ୍ଚ ୮୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଭତ୍ତା ବର୍ଣ୍ଟନ କରିଥିଲେ। କେତେଜଣ ଲୋକଙ୍କୁ ରାଶନ, ଜବ କାର୍ଡ, ବୟୋ ବନ୍ଦନାରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବର୍ଣ୍ଟନ କରିଥିଲେ। ଏତତ ବ୍ୟତୀତ ରାଜ୍ୟ ସରକାରଙ୍କ ନୂଆ ଯୋଜନା ତହସିଲ ଆମ ପଞ୍ଚାୟତରେ ଗରଦପୁର ତହସିଲଦାର ଦାସ ଉଦ୍‌ଘାଟନ କରିଥିଲେ। ସେଠାରେ ଗରଦପୁର ବିଡିଓ ସେଠୀ, ସରପଞ୍ଚ ମହାନ୍ତି ଓ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି ଯୋଜନାରେ ଜନସାଧାରଣ ତହସିଲକୁ ଆଉ ଯିବାକୁ ପଡିବ ନାହିଁ। ସେମାନେ ଏଠାରୁ ସମସ୍ତ କାର୍ଯ୍ୟ କରିପାରିବେ ବୋଲି ତହସିଲଦାର ଦାସ ସୂଚନା ଦେଇଥିଲେ।


ବିକାଶ ବାହନକୁ ସରପଞ୍ଚ ଗୀତାଞ୍ଜଳି ମହାନ୍ତି ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

## ମାଟ୍ରିକ୍‌ରେ କୃତୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ଡେରାବିଶ, ୨୦।୬ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଡେରାବିଶ ହାଇସ୍କୁଲର କୃତୀ ମାଟ୍ରିକ ଛାତ୍ରୀ ମୋନାଲିସା କର ସ୍କୁଲ ଟପ୍ପର ହୋଇଥିଲେ। ତେଣୁ ଶୁକ୍ରବାର ସ୍କୁଲ ଖୋଲିବା ଅବସରରେ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ ପୌରୋହିତ୍ୟରେ କୃତୀ ଛାତ୍ରୀ ମୋନାଲିସାଙ୍କ ବଧାଇ ଜଣାଇଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଟିଙ୍କିଲି କୁମାରୀ ସ୍ୱାଇଁ, ଇନ୍ଦିରା ପ୍ରିୟଦର୍ଶିନୀ ସାହୁ ଏବଂ ଶିକ୍ଷକ ରମାକାନ୍ତ ସେନାପତି, ଚିତ୍ତରଞ୍ଜନ କର ଓ ପ୍ରିୟଦର୍ଶୀ ଗଗନ ବିହାରୀ ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଅରୁନ୍ଧତି ସାହୁ, ସୁଶ୍ରୀ ସମୀକ୍ଷା, ସରୋଜିନୀ ସ୍ୱାଇଁଙ୍କ ସମେତ ଶିକ୍ଷକ ରାକେଶ ମଲିକ, ମଦନ ମୋହନ ନାୟକ, ନରୋତ୍ତମ ସେଠୀ, ସୋମନାଥ ବାରିକ ଓ ଶିବଶଙ୍କର ମନ୍ଦିର ମଧ୍ୟ ଉପସ୍ଥିତ ଥିଲେ। ମୋନାଲିସାଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତୋରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୋନାଲୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦଦରା ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରୀ ପରିବହନ

**ଜମ୍ବୁ ଫେରିଘାଟ: ୨ଟିରୁ ଗୋଟିଏ ଡଙ୍ଗା ଅଚଳ**
■ ନାହିଁ ଯାତ୍ରୀ ସୁରକ୍ଷା କିଟ୍
■ ୨୦୦୪ ବୋଟ ରୁଲ୍ ଉଲ୍ଲଂଘନ

ମହାକାଳପଡ଼ା, ୨୦।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ବ୍ଲକ ଅଧୀନ ଗୋବରୀ ନଦୀ ଜମ୍ବୁ ଫେରିଘାଟରେ ଡଙ୍ଗାରେ ବିପଦସଙ୍କୁଳ ଯାତ୍ରା।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ବହୁ ପୁରାତନ ଜମ୍ବୁ ଫେରିଘାଟରେ ବିପଦ ସଙ୍କୁଳ ଭାବେ ଦଦରା ଡଙ୍ଗାରେ ଯାତ୍ରୀ ପରିବହନ କରାଯାଉଛି। ଏହି ଘାଟ ଉପରେ ଜମ୍ବୁ ପଞ୍ଚାୟତର ୫ ହଜାର ଲୋକ ଦୈନିକ ପାର ହୋଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ହେଲେ ଏଠାରେ ୨ଟି ଘାଟ ଡଙ୍ଗାରେ ଲୋକେ ପାରି ହୋଇଥାନ୍ତି। ଏଥିରୁ ଗୋଟିଏ ଅଚଳ ହୋଇପଡ଼ିଛି। ଦୈନିକ ଛୋଟ ଡଙ୍ଗାରେ ୧୦ଟି ବାଇକ୍, ମାଲ୍ ଓ ଲୋକମାନେ ଯାତାୟାତ କରିଥାନ୍ତି। ହେଲେ ଯାତ୍ରୀଙ୍କ ସୁରକ୍ଷା ପାଇଁ କିଟ୍ ବା ଲାଇଫ ଜ୍ୟାକେଟ ନାହିଁ। ପ୍ରତିବର୍ଷ ଏହି ଘାଟରୁ ୫ ଲକ୍ଷ ୩୦ ହଜାର ଟଙ୍କାର ରାଜସ୍ୱ ନିଲାମ ହେଉଛି। ନିର୍ଦ୍ଦିଷ୍ଟ ଜଣେ ଘାଟିଆକୁ ପଞ୍ଚାୟତ ପକ୍ଷରୁ ପରିଚାଳନା ଦାୟିତ୍ୱ ନିର୍ବାହ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି ଫେରିଘାଟ ରାଜ୍ୟ ସରକାରଙ୍କ ନୂଆ ୨୦୦୪ ବୋଟ ରୁଲ ସଂଶୋଧନ ପଦ୍ଧତି କରାଯାଇଥିବାରୁ ଏଠାରେ ତାହା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ନୂଆ ବୋଟ ରୁଲ ଅନୁସାରେ ଘାଟ ଡଙ୍ଗା ପଞ୍ଜୀକରଣ ପ୍ରମାଣପତ୍ର, ଘାଟିଆ ଚାଳକ ପ୍ରମାଣପତ୍ର, ବୋଟ ଧାରଣ କ୍ଷମତା ପ୍ରମାଣପତ୍ର, ଧାର୍ଯ୍ୟ ମାହାସୁଲ ପ୍ରମାଣପତ୍ର, ଲାଇଫ ଜ୍ୟାକେଟ, ପ୍ରାଥମିକ ଚିକିତ୍ସା କୀଟ, ସୂଚନା ଫଳକ ଭଳି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଛି। ଅପରପକ୍ଷରେ ଘାଟରେ ଭିଡ଼ ପରିଲକ୍ଷିତ ହେଉଥିବା ନେଇ ଅଧିକ ଯାତ୍ରୀ ପାର ହେଉଛନ୍ତି। ଗୋବରୀ ନଦୀ ଶେଷ ଜମ୍ବୁ ଘାଟରେ ସାମୁଦ୍ରିକ ସ୍ରୋତ ଅଧିକ ରହୁଛି। ଫଳରେ ବର୍ଷା ଓ ଖରାଦିନେ ଅଧିକ ଢେଉ ସମ୍ଭାଳିବା ଅସମ୍ଭବ ହୋଇଥାଏ ବୋଲି ସ୍ଥାନୀୟ ଯାତ୍ରୀ କହିଛନ୍ତି। ଏ ସଂକ୍ରାନ୍ତରେ ଜମ୍ବୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲିକଙ୍କୁ ପଚାରିବାରେ ଚଳିତ ବର୍ଷ ନିଲାମ ୫ ଲକ୍ଷ ୩୫ ହଜାର ଟଙ୍କାରେ ହୋଇଛି। ୨ଟି ଡଙ୍ଗା ମଧ୍ୟରୁ ଗୋଟିଏ ଅଚଳ ଅବସ୍ଥାରେ ରହିଛି। ଗୋଟିଏ ଡଙ୍ଗାରେ ଯାତ୍ରୀ ପରିବହନ କରାଯାଉଛି। ଲାଇଫ ଜ୍ୟାକେଟ ପାଇଁ ବିଡିଓଙ୍କୁ ଅବଗତ କରିବୁ ବୋଲି ସେ କହିଛନ୍ତି। ସେହିପରି ବ୍ଲକର ବାହାକୁଦ ମହାନଦୀ ଫେରିଘାଟ, ବଡିଘର ଟୁବି ଫେରିଘାଟ, କାଂଶପାଳ ଘାଟ, ତେରଗାଁ ଘାଟ, ଚଉମୁହାଣୀ ମହାନଦୀ ଘାଟରେ ଲାଇଫ ଜ୍ୟାକେଟ ଯାତ୍ରୀଙ୍କୁ ଦିଆଯାଉନାହିଁ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ୨ ଥର ସବୁ ଘାଟ ନିଲାମଧାରୀଙ୍କୁ ଲାଇଫ ଜ୍ୟାକେଟ ବ୍ୟାବାହର କରିବେ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହେଲେ ନିଲାମଧାରୀମାନେ ନୋଟିସର ୨ରୁ ୪ ଦିନ ଲାଇଫ ଜ୍ୟାକେଟ ବ୍ୟବାହର କରି ରଖି ଦେଉଛନ୍ତି ବୋଲି ସେ କହିଛନ୍ତି।

# ମଶା ଉପଦ୍ରବ ନୟାଗଡ଼ ସହରରେ ଚିନ୍ତାର କାରଣ

■ବ୍ଲିଚିଂ ପାଉଡର ପଡୁନି, ଧୂଆଁ ଦିଆଯାଉନି
■କାମରେ ଲାଗୁନି ଟିପା ମେଶିନ

ନୟାଗଡ଼,୨୦।୬(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ମଶାଙ୍କ ଉପଦ୍ରବ ବଢ଼ି ଚାଲିଛି। ସହରରେ ବିଭିନ୍ନସ୍ଥାନରେ ଆବର୍ଜନା ଜମା ହୋଇ ରହିଥିଲେ ମଧ୍ୟ ସଫେଇ ହେଉନାହିଁ। ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବ୍ଲିଚିଂ ପାଉଡର ପକାଯାଉନି କି ଟିପା ମେଶିନ୍‌ରେ ମଶାଧୂଆଁ ଦିଆଯାଉନାହିଁ। ପ୍ରଦୂଷିତ ପରିବେଶରେ ମଶାଙ୍କ ପାଦୁର୍ଭାବ ବଢ଼ି ଚାଲିଛି। ମଶାଙ୍କ ପାଇଁ ସହରବାସୀ ରାତିରେ ଶୋଇ ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସହରବାସୀଙ୍କ ମଧ୍ୟରେ ଡେଙ୍ଗୁ, ବାତଜ୍ୱର ଓ ମ୍ୟାଲେରିଆ ଭୟ ଘାରିଲାଣି।ସେହିପରି ଓଡ଼ଗାଁ, ଦଶପଲ୍ଲା, ରଣପୁର, ଖଣ୍ଡପଡ଼ା ସହରରେ ବ୍ଲିଚିଂ ପାଉଡର ପଡୁ ନ ଥିବାବେଳେ ଧୂଆଁ ଦିଆଯାଉନି ବୋଲି ଅଭିଯୋଗ ରହିଛି। ଜିଲାର ଏହି ୪ ସହରଗୁଡ଼ିକୁ ଦେଖିଲେ ଗାଁର ରୂପରେଖ ବରଂ ତାଠାରୁ ଅଧିକ ଭଲ ବୋଲି ଚର୍ଚ୍ଚା ହେଉଛି। ଏହି ୪ ସହରରେ ବର୍ଷାଋତୁରେ ଡେଙ୍ଗୁ, ବାତଜ୍ୱର ଓ ମ୍ୟାଲେରିଆ ଭୟ ମଧ୍ୟ ଘାରିଲାଣି। ଅପରପକ୍ଷେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଉଦ୍ଦେଶ୍ୟରେ ଓଡ଼ଶା ଭିଜନ ୨୦୩୬ ଓ ୨୦୪୭ ପରାମର୍ଶ କର୍ମଶାଳା ନୟାଗଡ଼ ଜିଲାପରିଷଦର ସମ୍ମିଳନୀ କକ୍ଷ ସୃଜନରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ଜିଲାର ସହର ପାଇଁ ମଶା ଚିନ୍ତାର କାରଣ ସହ ଡ୍ରେନେଜ ସମସ୍ୟା ଉଠିଥିଲା।

୧୬ଟି ୱାର୍ଡକୁ ନେଇ ଗଠିତ ନୟାଗଡ଼ ମ୍ୟୁନିସିପାଲିଟି। ଏହାର ଲୋକସଂଖ୍ୟା ୩୫ ହଜାରରୁ ଊର୍ଦ୍ଧ୍ୱ। ସହରର ଅନେକ ସ୍ଥାନରେ ଡ୍ରେନ ପରିତ୍ୟକ୍ତ ହୋଇ ପଡି ରହିଛି। ଡ୍ରେନକୁ ସଫେଇ କରାଯାଉନି। ଉଦାହରଣ ଭାବେ ନୟାଗଡ଼ ଶରଣକୁଳ ୨୧ ନଂ. ରାଜ୍ୟ ରାଜପଥର ଲେମ୍ବୁଛକକୁ ନିଆଯାଇ ପାରେ। ଲେମ୍ବୁଛକ ନିକଟରେ ଡ୍ରେନ ଚୋକ ହୋଇ ଅପରିଷ୍କାର ପାଣି ବାହାରି ଦୁର୍ଗନ୍ଧ ହେଉଛି। ବିଜୁ ମାର୍କେଟକୁ ପରିବା ମାର୍କେଟ ଦେଇ ଗଲାବେଳେ ଡ୍ରେନର ଦୁର୍ଗନ୍ଧ ହେଉଛି। ଏହାକୁ ସଫେଇ ହେଉନି। ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ଚିକିତ୍ସାଳୟ ପଛ ପାଖରେ ଆବର୍ଜନା ଗଦା ରହିବା ସହ ପରିବେଶ ଦୂଷିତ ହେଉଛି। ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦେଇ ଯାଇଥିବା ନୟାଗଡ଼ରୁ ଭଞ୍ଜନଗର ୨୧ ନଂ. ରାଜ୍ୟ ରାଜପଥର କଲେଜ ଉଠାଣି ନିକଟରେ ଜଙ୍ଗଲିଆ ଅଞ୍ଚଳରେ ଦୁର୍ଗନ୍ଧ ବାହାରୁଛି। ଏଠାରେ ଆବର୍ଜନା ଆଦୌ ସଫେଇ ହେଉନାହିଁ। ଏହିପରି ସହରର ବିଭିନ୍ନ ସ୍ଥାନରେ ଅପରିଷ୍କାର ପରିବେଶ ରହିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ ହେଉ କି ନୟାଗଡ଼ ଶରଣକୁଳ ଓ ନୟାଗଡ଼ ଦଶପଲ୍ଲା, ନୟାଗଡ଼ ଖଣ୍ଡପଡ଼ା ରାସ୍ତା କଡ଼ରେ କିଛି ପଙ୍କ୍ଚର ଦୋକାନରେ କଟା ହୋଇ ରଖାଯାଇଥିବା ଟାୟାରରେ ମଶାଙ୍କ ବଂଶ ବଢୁଥିବା ଅଭିଯୋଗ ହେଉଛି। ସେହିଭଳି ଅଧିକାଂଶ ୱାର୍ଡରେ ଡ୍ରେନ ନାହିଁ। ଯେଉଁଥିପାଇଁ ଅବାର୍ଜନା ଜଳ ବିଭିନ୍ନସ୍ଥାନରେ ଜମି ମଶାଙ୍କ ସଂଖ୍ୟା ବୃଦ୍ଧି କରୁଛି। ଅନାବନା ଘାସକୁ ସଫେଇ କରାଯାଉନାହିଁ। ବ୍ଲିଚିଂ ପାଉଡର ସ୍ୱପ୍ନ। କିନ୍ତୁ ଜାନୁଆରୀ ୨୬, ଅଗଷ୍ଟ ୧୫, ସ୍ୱାୟତ ଶାସନ ଦିବସ, ନେତାଙ୍କ କାର୍ଯ୍ୟକ୍ରମରେ ବ୍ଲିଚିଂ ପକାଯାଇ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରାଯାଉଛି। ଏଣୁ ମଶାଙ୍କ ଅନ୍ତୁଡିଶାଳ ନୟାଗଡ଼ ସହର ପାଲଟିଛି।


ନୟାଗଡ଼ ଶରଣକୁଳ ରାସ୍ତାର ନୟାଗଡ଼ କଲେଜ ଉଠାଣି ରାସ୍ତା ପାର୍ଶ୍ୱରେ ଆବର୍ଜନା ଗଦା ହୋଇରହିଛି।

# ଓଡ଼ଗାଁ ଏନ୍‌ଏସିରେ ବୁଲିଲା ବିକାଶ ବାହନ

ଓଡ଼ଗାଁ, ୨୦।୬ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ (ଏନ୍‌ଏସି) ରାଜ୍ୟ ସରକାରଙ୍କ ବର୍ଷ ଏକ ଉପଲବ୍ଧି ଅନେକ ଶୀର୍ଷକ ବିକାଶ ବାହନ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ନୟାଗଡ଼ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଆନୁଷ୍ଠାନିକ ଭାବେ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆଦର୍ଶ ଥାନା ଅଧିକାରୀ ଅଭୟ କୁମାର ବେହେରା, ଆର୍ମି ଭେଟେରାନ ଆଦର୍ଶ କୁମାର ପଟ୍ଟନାୟକଙ୍କ ସହିତ ଓଡ଼ଗାଁ ଅଞ୍ଚଳର ବୁଦ୍ଧିଜୀବୀ, ଅଙ୍ଗନୱାଡି କର୍ମୀ ଓ ସ୍ୱଚ୍ଛ ସାଥୀ ଏକାଠି ହୋଇ ଓଡ଼ଗାଁ ଏନ୍‌ଏସିର ବିକାଶ ନିମନ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ। ଶୁକ୍ରବାର ବିକାଶ ବାହନ ଏନ୍‌ଏସିର ୧ ନଂ. ୱାର୍ଡଠାରୁ ୮ ନଂ. ୱାର୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିବା ବେଳେ ପ୍ରତ୍ୟେକ ୱାର୍ଡରେ ମହିଳା ହୁଳହୁଳି ପକାଇ ସ୍ୱାଗତ କରିଥିଲେ।

ବାହନ ଏନ୍‌ଏସିର ୮ ୱାର୍ଡ ପରିକ୍ରମା କରୁଥିବା ବେଳେ ସୁଭଦ୍ରା, ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା, ଗରିମା, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ବୀମା ଯୋଜନା, ଶ୍ରମିକ କଲ୍ୟାଣ, ସୁଜଳ ଯୋଜନା, ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଏକକ ଦାବ୍ୟାଙ୍ଗ ପରିଚୟ ଯୋଜନା ଭଳି ଅନେକ କାର୍ଯ୍ୟକ୍ରମ ବିଷୟରେ ନଗରବାସୀଙ୍କୁ ସଚେତନ କରିଥିଲେ। ଶନିବାର ବିକାଶ ବାହନ ଏନ୍‌ଏସିର ଅବଶିଷ୍ଟ ୭ ୱାର୍ଡ ଅନୁରୂପ ଢଙ୍ଗରେ ପରିକ୍ରମା କରିବ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ନୂତନ ବର୍ଦ୍ଧିତ ଭତ୍ତା, ଆବାସ କାର୍ଯ୍ୟାଦେଶ ସହ କେତେଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ପୌର ଯନ୍ତ୍ରୀ ଆଦିତ୍ୟ କୁମାର ଜେନା, ଏନ୍‌ଏସି ଯନ୍ତ୍ରୀ ସତ୍ୟ ନାରାୟଣ ସାହୁଙ୍କ ସମେତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏତଦବ୍ୟତୀତ ନିର୍ବାହୀ ଅଧିକାରୀ ବେହେରା ଖବତଦାତାଙ୍କ ସହିତ ଏନ୍‌ଏସିର ବିକାଶ ନିମନ୍ତେ ଆଲୋଚନା କରିବା ଅବସରରେ ଅତ୍ରି ମୁନିଙ୍କ ପିଠ ଶାମୁକାକ୍ଷେତ୍ରର ବିକାଶ, ମାଛ ମାର୍କେଟର କାର୍ଯ୍ୟ ଶେଷ କରି ମାଛ ବଜାର ରାଜ୍ୟ ରାଜପଥରୁ ସ୍ଥାନାନ୍ତର କରିବା ସହ ବୁଲା ଗୋରୁଙ୍କୁ ନିୟନ୍ତ୍ରଣ କରିବାକୁ କାଞ୍ଜିଆହୁଦା ଷ୍ଟାଇଲରେ ଗୋଶାଳାରେ ରଖି ଜାରିମାନା ଆଦାୟ କରିବାକୁ ମତ ପ୍ରକାଶ ପାଇଥିଲା। ଏହାଦ୍ୱାରା ସହରର ଛକରେ ଟ୍ରାଫିକ ସମସ୍ୟା ରହିବ ନାହିଁ ବୋଲି ଯୁବନେତା ସନ୍ତୋଷ ପ୍ରଧାନ ମତ ରଖିଥିଲେ।



ବିକାଶ ବାହନକୁ ଓଡ଼ଗାଁରେ ସ୍ୱାଗତ କରାଯାଉଛି।

# ବିଶ୍ୱ ଯୋଗ ଦିବସ ନେଇ ପ୍ରଶାସନର ପ୍ରସ୍ତୁତି

ଖଣ୍ଡପଡ଼ା, ୨୦।୬
(ଅଜୟ କୁମାର ମହାରଣା)

ଶନିବାର ବିଶ୍ୱ ଯୋଗ ଦିବସ ପାଳନ ନେଇ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ବ୍ୟାପକ ପ୍ରସ୍ତୁତି ପର୍ବ ଚାଲିଛି। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୋଗ ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ଖାଦ୍ୟ

ଖଣ୍ଡପଡ଼ା, ୨୦।୬(ଅଜୟ କୁମାର ମହାରଣା)

## ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା

ଖଣ୍ଡପଡ଼ା ସହର ସମେତ ଆଖପାଖ ବିଭିନ୍ନ ପଞ୍ଚାୟତରେ ଅସ୍ୱାସ୍ଥ୍ୟକର ପରିବେଶରେ ଜଳଖିଆଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। ବିଶେଷ କରି ବିଭିନ୍ନ ବଜାର ଅବା ରାସ୍ତା ପାର୍ଶ୍ୱରେ ଗୁପଚୁପ, ଚାଟ ବିକ୍ରି ହେଉଥିବା ବେଳେ ଏସବୁ ଖାଇବାକୁ ଗହଳ ଚହଳ ଲାଗି ରହୁଛି। ଏସବୁ ଖାଇଲା ବେଳେ ଖାଦ୍ୟ ସାମଗ୍ରୀର ମାନ କିମ୍ବା କେଉଁ ପରିବେଶ ମଧ୍ୟରେ ତିଆରି ହେଉଛି ସେଥିପ୍ରତି କେହି ନଜର ଦେଉନାହାନ୍ତି। ଫଳରେ ଏ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଏବେ ବର୍ଷାଦିନ ଯୋଗୁ ସବୁଠି ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ରାସ୍ତାପାର୍ଶ୍ୱରେ ମାଳମାଳ ଉଠା ଦୋକାନୀ, ଫାଷ୍ଟଫୁଡ ଓ ହୋଟେଲଗୁଡ଼ିକ ଗ୍ରାହକଙ୍କୁ ଖାଦ୍ୟ ପରଷୁଥିବାବେଳେ ଖାଦ୍ୟର ମାନ କେବେ ବି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ ହେଉନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ ମନଇଚ୍ଛା ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରି ଚଢ଼ା ଦରରେ ଜନସାଧାରଣଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେହିପରି ହୋଟେଲ ଓ ଉଠା ଦୋକାନଗୁଡିକରେ ବ୍ୟବହୃତ ହେଉଥିବା ପାଣିର ଗୁଣବତ୍ତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣ୍ଡପଡ଼ା ଅଞ୍ଚଳରେ ଅବସ୍ଥିତ ଅନେକ ହୋଟେଲ ଓ ଉଠା ଦୋକାନୀଗୁଡ଼ିକ ଜନସାଧାରଣଙ୍କୁ ବିଭିନ୍ନ ସମୟରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଫଳରେ ପେଟ ରୋଗଠାରୁ ଆରମ୍ଭ କରି ବିଭିନ୍ନ ଜଳବାହିତ ମାରାତ୍ମକ ରୋଗରେ ଜନସାଧାରଣ ଆକ୍ରାନ୍ତ ହେଉଥିବା ଜଣାପଡିଛି। ହାତ ଗଣତି କେତେକ ହୋଟେଲ ଓ ରେଷ୍ଟୁରାଣ୍ଟକୁ ବାଦ ଦେଲେ ଖାଦ୍ୟ ବିକ୍ରି ନିମନ୍ତେ ଅଧିକାଂଶ ଦୋକାନୀଙ୍କ ନିକଟରେ ଫୁଡ ଲାଇସେନ୍ସ ନ ଥିବା ଜଣାପଡିଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀଦିନରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ନୟାଗଡ଼ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରମୋଦିନୀ


@ ଫିନୁ


@ ସସ୍ମିତା


@ ନୀହାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀରାମ ମନ୍ଦିର ନିର୍ମାଣ: କନ୍ଧମାଳ ଗଲା ରଘୁନାଥଜୀଉଙ୍କ ଆଜ୍ଞାମାଳ

ଓଡ଼ଗାଁ,୨୦।୬(ଆଦର୍ଶ କୁମାର ପଟ୍ଟନାୟକ)

କନ୍ଧମାଳ ଜିଲା ଜି ଉଦୟଗିରି କକଟିପଦା ସାହିରେ ନୂତନ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରୁ ଶୁକ୍ରବାର ଆଜ୍ଞାମାଳ ଯାଇଛି। କକଟିପଦା ସାହି ବାସିନ୍ଦାଙ୍କ ପକ୍ଷରୁ ଅନିଲ ପଟ୍ଟନାୟକ ଓ ସ୍ତ୍ରୀ ସ୍ମିତା ପଟ୍ଟନାୟକ ଆଜ୍ଞାମାଳ ନେବା ପାଇଁ ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ପହଞ୍ଚି ବୈଦିକ ରୀତିନୀତି ଅନୁସାରେ ବିଧି ବିଧାନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଆଜ୍ଞାମାଳ ପ୍ରଦାନ ସମୟରେ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ କରାଯାଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନୀ ସହିତ ହୁଳହୁଳି ଦେଇଥିଲେ। ସୂଚନା ଥାଉକି ନୟାଗଡ଼ ଜିଲା ସମେତ ରାଜ୍ୟର ସମସ୍ତ ଜିଲାରେ ଶ୍ରୀରଘୁନାଥଜୀଉଙ୍କ ଗରିମା ମୟ ଇତିହାସ ଅନେକ ଜାଣିଥିବାବେଳେ ବିଶେଷ କରି ଗଞ୍ଜାମ ଏବଂ କନ୍ଧମାଳ ଜିଲାରେ ପ୍ରଭୁଙ୍କ ମହିମା ବହୁଳ ଭାବେ ପ୍ରଭାବ ଦେଖିବାକୁ ମିଳିଥାଏ। ସାଧାରଣତଃ ଏହି ୨ଟି ଜିଲାରେ ମନ୍ଦିର ନିର୍ମାଣ କରାଗଲେ ଏଠାରୁ ଆଜ୍ଞାମାଳ ନେବାର ଅନେକ ପ୍ରମାଣ ରହିଛି। ଏହି ସମୟରେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


କନ୍ଧମାଳରୁ ଆସିଥିବା ଲୋକେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରୁ ଶ୍ରୀରାମ ମନ୍ଦିର ପାଇଁ ଆଜ୍ଞାମାଳ ନେଉଛନ୍ତି।

# କାମ କରୁନି ଗାଁ କଲ୍ୟାଣ ସମିତି

■ନିଷ୍କ୍ରିୟ ହୋଇଛି ସ୍ୱାସ୍ଥ୍ୟ ବିଭାଗ
■ସ୍ୱଚ୍ଛତା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନି

ନୂଆଗାଁ, ୨୦।୬ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ନିଷ୍କ୍ରିୟ ହୋଇଯାଇଛି। ନୂଆଗାଁ ବ୍ଲକ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଁ କଲ୍ୟାଣ ସମିତି କାମ କରୁ ନ ଥିବା ଅଭିଯୋଗ ହେଉଛି। ଜଳବାୟୁ ପରିବର୍ତ୍ତନ ତଥା ଅନ୍ୟ କାରଣରୁ ରାଜ୍ୟର ବିଭିନ୍ନ ଜିଲାରେ ଝାଡାବାନ୍ତି , ଡାଇରିଆ ବ୍ୟାପୁଥିବା ଦେଖିବାକୁ ମିଳୁଛି। ତେଣୁ ଡାଇରିଆ, ଝାଡାବାନ୍ତି ପ୍ରତି ସତର୍କତା ଅବଲମ୍ବନ କରିବା ସହ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ଲକର ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ସଚେତନତା କାର୍ଯ୍ୟକ୍ରମ କରାଯାଉନାହିଁ।

